ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.82 Bhubaneswar Sunday 08 2022 ୨୫ତମ ବର୍ଷ ସଂଖ୍ୟା-୮୨ ଭୁବନେଶ୍ୱର ରବିବାର, ମଇ ୦୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

ନିର୍ବାଚନୀ ଇସ୍ତାହାର: ୩ ବର୍ଷର ହିସାବ ମାଗିଲେ ସରକାର, ୨୯ରେ ହେବ ସମୀକ୍ଷା

ଭୁବନେଶ୍ୱର,୭।୫(ପି.ଏନ): ୨୦୧୯ ସାଧାରଣ ନିର୍ବାଚନରେ ଶାସକ ବିଜେଡି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି(ଇସ୍ତାହାର)କୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ ବିଭାଗ ଗତ ୩ ବର୍ଷ ମଧ୍ୟରେ କ'ଣ ସବୁ ପଦକ୍ଷେପ ନେଇଛନ୍ତି, ତା'ର ହିସାବ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର କ୍ରମାଗତ ପଂଚମଥର ଶପଥ ନେବା ଦିନ ହିଁ ରାଜ୍ୟ ମନ୍ତ୍ରିପରିଷଦ ବୈଠକ ଡାକି ୨୦୧୯ ସାଧାରଣ ନିର୍ବାଚନରେ ତାଙ୍କ ଦଳ ବିଜେଡି ଦେଇଥିବା ନିର୍ବାଚନୀ ଇସ୍ତାହାର ଉପରେ ସରକାରୀ ମୋହର ମାରିଥିଲେ । ମେ' ୨୯ତାରିଖ ନବୀନ ସରକାରର ପଂଚମ ପାଳିର ତୃତୀୟ ବର୍ଷ ପୂର୍ତ୍ତି ହେଉଥିବାରୁ ୨୦୧୯ ମେ'ରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ନିର୍ବାଚନୀ ଇସ୍ତାହାରକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗଗୁଡିକ କି ପଦକ୍ଷେପ ନେଇଛନ୍ତି, ବର୍ତ୍ତମାନର ସ୍ଥିତାବସ୍ଥା କ'ଣ ତାହା ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଂଚମ ପାଳି ସରକାରର ୩ବର୍ଷ ପୂର୍ତ୍ତି ଅବସରରେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ପାଳନ ଦିଗରେ ସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସରକାର ନିୟମିତ ଭାବେ ସମୀକ୍ଷା କରିଥିଲେ ମଧ୍ୟ ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ବିଶେଷକରି ୨୦୨୧ ମେ' ୨୯ତାରିଖରେ ରାଜ୍ୟ ମନ୍ତ୍ରିପରିଷଦ ବୈଠକରେ ଗୃହୀତ ହୋଇଥିବା ସଂକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ସମ୍ପୃକ୍ତ ବିଭାଗ କି ପଦକ୍ଷେପ ନେଇଛି ତାହା ମେ' ୭ ତାରିଖ ସୁଦ୍ଧା ଜଣାଇବାକୁ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ନିର୍ଦ୍ଦେଶ ଦେଇଥିଲା । ଏହାସହିତ ୨୦୨୧ ମେ' ୨୯ତାରିଖ ମନ୍ତ୍ରିପରିଷଦ ବୈଠକରେ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତି ସଂକ୍ରାନ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଦିଗରେ ସମ୍ପୃକ୍ତ ବିଭାଗ କ'ଣ ପଦକ୍ଷେପ ନେଇଛି ତାହା ମଧ୍ୟ ଜଣାଇବାକୁ କୁହାଯାଇଛି ।ଗତବର୍ଷ ମେ' ୨୯ତାରିଖରେ ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ମନ୍ତ୍ରିପରିଷଦରେ ପାରିତ ସଂକଳ୍ପ ଅନୁସାରେ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନାକୁ ସ୍କୁଲ ଓ କଲେଜ ପାଠ୍ୟକ୍ରମ ଏବଂ ସରକାରୀ ନିଯୁକ୍ତି ସିଲାବସରେ ସାମିଲ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହାସହିତ ବିପର୍ଯ୍ୟୟ ମୁକାବିଲା ଦିଗରେ ରାଜ୍ୟରେ ପ୍ରତ୍ୟେକଙ୍କୁ ଜଣେ ଲେଖାଁଏ ଯୋଦ୍ଧା ଭାବେ ବିକଶିତ କରିବାକୁ ଏହି ସଂକଳ୍ପରେ ସାମିଲ କରିବା ସହ ନିର୍ବାଚିତ ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଶିକ୍ଷିତ ପାଇଁ ସଂକଳ୍ପରେ ପାରିତ ହୋଇଥିଲା । ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ସେହି ସଂକଳ୍ପର ମୁଖ୍ୟ ଲକ୍ଷ୍ୟ ଥିଲା ଯେ ରାଜ୍ୟର ପ୍ରତ୍ୟେକ ଘରେ ଜଣେ ଲେଖାଏଁ ଯୋଦ୍ଧା ସୃଷ୍ଟି କରିବା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତେବେଳେ କହିଥିଲେ । ଏହି ସଂକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ୨୦୨୧ ଜୁନ୍ ୧୬ରେ ବିଭାଗଗୁଡିକ ସରକାର ଜଣାଇଥିଲେ । ୨୦୨୨ ମାର୍ଚ୍ଚ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାରେ ବିଭାଗ ନେଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ମଧ୍ୟ ଯୋଜନା ଓ ସଂଯୋଜନ ବିଭାଗ କହିଛି ।ସରକାରୀ ସୂତ୍ରରୁ ଜଣାପଡିଛି ଯେ, ଏପର୍ଯ୍ୟନ୍ତ ମାତ୍ର ୨୦ ପ୍ରତିଶତ ବିଭାଗ ନିର୍ବାଚନୀ ଇସ୍ତାହାର ସହ ଜଡିତ ପ୍ରସଙ୍ଗ ଉପରେ ନେଇଥିବା ପଦକ୍ଷେପ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଛନ୍ତି ।

ଉପକୂଳ ଛୁଇଁବନି ବାତ୍ୟା, ସରକାର ପ୍ରସ୍ତୁତ : ଏସଆରସି

ଭୁବନେଶ୍ୱର, ୭।୫(ପି.ଏନ): ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ଝଡ଼ରେ ପରିଣତ ହେଲେ ମଧ୍ୟ ଉପକୂଳ ଛୁଇଁବ ନାହିଁ। ତଥାପି ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ।ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ଓ ଆମେରିକୀ ନୌସେନାରର ଜଏଂଟ୍ ଟାଇଫୁନ୍ ୱାର୍ଣ୍ଣିଂ ସେଂଟର (ଜେଟିଡବ୍ଲୁସି)ର ଆକଳନ ଅନୁସାରେ ଏହି ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳ ଛୁଇଁବ ନାହିଁ ବରଂ ଓଡ଼ିଶାଠୁ ୧୫୦-୨୦୦କିମି ଦୂରରେ ସମୁଦ୍ର ମଧ୍ୟରେ ସମାନ୍ତରାଳରେ ଉତର ବଙ୍ଗୋପସାଗର ଆଡ଼େ ମୁହାଁଇବ ବୋଲି ଶ୍ରୀ ଜେନା କହିଛନ୍ତି ।ଶନିବାର ସଂଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି ଯେ ମତ୍ସ୍ୟଜୀବୀ ମାନେ ୮ ତାରିଖ ଠାରୁ ମାଛ ଧରିବାକୁ ଗଭୀର ସମୁଦ୍ର ମଝିକୁ ନଯିବା ପାଇଁ ବାରଣ କରିବା ସହ, ଯେଉଁ ମତ୍ସ୍ୟଜୀବୀମାନେ ମାଛ ଧରିବାକୁ ସମୁଦ୍ର ମଝିକୁ ଯାଇଛନ୍ତି ୮ ତାରିଖ ଶୁଦ୍ଧା ଫେରି ଆସିବାକୁ ସତର୍କ କରିଦେଇଛନ୍ତି । କେତେ ମତ୍ସ୍ୟଜୀବୀ ସମୁଦ୍ର ମଝିକୁ ମାଛ ଧରିବାକୁ ଯାଇଛନ୍ତି ଓ ୮ ତାରିଖ ଦିନ ସୁଦ୍ଧା କେତେଜଣ ଫେରିଛନ୍ତି ସେ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଛନ୍ତି ।ବାତ୍ୟାକୁ ଦୃଷ୍ଟିରେ ରଖି ବିଭାଗ ତରଫରୁ ଏକ ୨୪ ଘଂଟିଆ କଂଟ୍ରୋଲ ରୁମ୍ ଖୋଲିବା ସହ ଜିଲ୍ଲା ସ୍ତରରେ ଅଫିସର ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ରଖିବାକୁ ମଧ୍ୟ ଜଣାଇଛନ୍ତି । ଏହା ସହ ଜିଲ୍ଲା ସ୍ତରରେ ମତ୍ସ୍ୟଜୀବୀମାନଙ୍କୁ ନିୟମିତ ଭାବେ ସତର୍କ ସୂଚନା ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ଯେଉଁ ୧୮ଟି ଜିଲ୍ଲାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ସେମାନଙ୍କଠୁ ମିଳିଥିବା ତଥ୍ୟ ଅନୁସାରେ ଏବେ ୮୬୨ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି । ସେଥିରେ କୋଭିଡ୍ ଗାଇଡଲାଇନ ପାଳନ କରି ପ୍ରାୟ ୧.୬୦ଲକ୍ଷ ଲୋକ ରହିପାରିବେ । ସେହିପରି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ୬୬୬୧ଟି କୋଠା ଚିହ୍ନଟ ହୋଇଛି । ସେଥିରେ ୬ଲକ୍ଷରୁ ଅଧିକ ଲୋକ ରହିପାରିବେ । ତେଣୁ ଆବଶ୍ୟକ ଅନୁସାରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାୟ ସାଢ଼େ ୭ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନକୁ ଆଣିବା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ହୋଇସାରିଛି ।ଏହାବ୍ୟତୀତ ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ସେବା ବାହିନୀକୁ ମଧ୍ୟ ସଜାଗ ରଖାଯାଇଛି । ଆବଶ୍ୟକ ପଡ଼ିଲେ ସେମାନଙ୍କର ସେବା ନିଆଯାଇପାରେ। ବାତ୍ୟା ଓଡ଼ିଶା ଛୁଇଁବାର ସମ୍ଭାବନା ଥିବାରୁ ଏହି ଏଜେନ୍ସିଗୁଡ଼ିକର ସେବା ଆବଶ୍ୟକ ପଡ଼ିନପାରେ। ତଥାପି ଏନଡିଆରଏଫ ଟିମର ଯାତାୟତ ନିମନ୍ତେ କଟକ ଜିଲ୍ଲାପାଳଙ୍କୁ ଗାଡ଼ିର ବନ୍ଦୋବସ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍ଆରସି କହିଛନ୍ତି ।ସେହିପରି ପାରମ୍ପରିକ ମତ୍ସ୍ୟଜୀବୀମାନେ ଉଚ୍ଚ ଜୁଆର ସୃଷ୍ଟିର ଆଶଙ୍କା ଥିବାରୁ ସେମାନଙ୍କର ଡଙ୍ଗାଗୁଡିକୁ ନିରାପଦ ସ୍ଥାନରେ ରଖିବା ପାଇଁ ସତର୍କ କରି ଦିଆଯାଇଛି। ଜିଲ୍ଲା ସ୍ତରରେ ଜିଲ୍ଲାପାଳମାନେ କୃଷକମାନଙ୍କୁ ନିୟମିତ ଭାବେ ସମ୍ଭାବ୍ୟ ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଜାରି ରଖିବେ । ଯାହାଫଳରେ କି କୃଷକମାନେ, ପନିପରିବା/ ଉଦ୍ୟାନ କୃଷି, ଧାନ ଓ ଅମଳ ହୋଇଥିବା ଫସଲ ଓ ମଣ୍ଡିରେ ଗଚ୍ଛିତଥିବା ଧାନ ସବୁକୁ ସୁରକ୍ଷିତ ରଖିପାରିବେ ।ଭିନ୍ନକ୍ଷମ, ବାଳା ଓ ବୃଦ୍ଧାଶ୍ରମରେ ରହୁଥିବା ବ୍ୟକ୍ତିମାନଙ୍କର ଏକ ତାଲିକା ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯିବ ଯଦି ସେଭଳି କୌଣସି ସମସ୍ୟା ଉପୁଯେ ଆବଶ୍ୟକ ସ୍ଥଳେ ସେମାନଙ୍କୁ ନିରାପଦ ଭାବେ ସ୍ଥାନାନ୍ତରିତ କରାଯିବା ସହ ସେମାନଙ୍କ ପାଇଁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟ ସ୍ଥଳିରେ ରଖାଯିବା ସହ ଖାଦ୍ୟପେୟ ଓ ପାନୀୟ ଜଳ ସୁବନ୍ଦୋବସ୍ତ କରାଯିବ । କୌଣସି ଗୃହ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୁଏ ଏହାକୁ ଚିହ୍ନଟ କରିବାରେ ଏହି ତାଲିକା ସହାୟତା କରିବ। ସେହିପରି ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କୁ ଏସଡିଆରଏଫ/ ଏନଡିଆରଏଫ୍ ନିୟମ ଆଧାରରେ ଡିବିଟି ମାଧ୍ୟମରେ ଗୃହନିର୍ମାଣ ପାଇଁ ଅଗ୍ରିମ ପ୍ରଦାନ କରାଯିବ । ହିତାଧିକାରୀମାନଙ୍କ ତାଲିକା ନିଶ୍ଚିତ ଭାବେ ଜିଲ୍ଲାର ୱେବ୍ସାଇଟରେ ସ୍ଥାନିତ ହେବ ।

ଭିଜିଲାନ୍ସ ଜାଲରେ କୁଚିଣ୍ଡା ଅତିରିକ୍ତ ତହସିଲଦାର

କୁଚିଣ୍ଡା,୭।୫(ପି.ଏନ): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଅତିରିକ୍ତ ତହସିଲଦାର ସାରଦା ମହାରଣା । ଜଣେ ବ୍ୟକ୍ତିଙ୍କ ଜବତ ଗାଡି ଉପରେ ପଡିଥିବା ଜୋରିମାନା ଅର୍ଥକୁ ହ୍ରାସ କରିବା ପାଇଁ ଆଜି ସନ୍ଧ୍ୟାରେ ୧ ଲକ୍ଷ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସର ଏକ ଆଠ ଜଣିଆ ଟିମ୍ ତାଙ୍କୁ ଧରିଛନ୍ତି । ତାଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି ।ଏହା ପରେ ଅତିରିକ୍ତ ତହସିଲଦାରଙ୍କ କୁଚିଣ୍ଡା ସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରେ ଚଢ଼ାଉ ବେଳେ ୩ ଲକ୍ଷ ୩ ହଜାର ୬୧୦ ଟଙ୍କା ଜବତ କରାଯାଇଛି । ଏନେଇ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ।ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ସାରଦା ମହାରଣା କହିଛନ୍ତି ଯେ ତାଙ୍କ ଉପରେ ରାଗ ରଖି ଏପରି କରାଯାଇଛି। ସେ ବାରମ୍ବାର ଏ ଅଞ୍ଚଳରେ ଚଢ଼ାଉ କରୁଥିବା ଯୋଗୁ ଷଡଯନ୍ତ୍ର କରି ତାଙ୍କୁ ଭିଜିଲାନ୍ସ ଜାଲରେ ଫସାଇ ଦିଆଯାଇଛି ।

ବଙ୍ଗୋପସାଗରରେ ହେବାକୁ ଥିବା ବାତ୍ୟା ଗତିପଥ ବଦଳାଇ ପାରେ - ପାଣିପାଗ ବିଭାଗ

ଭୁବନେଶ୍ୱର, ୭।୫(ପି.ଏନ): ବଙ୍ଗୋପସାଗରରେ ହେବାକୁ ଥିବା ବାତ୍ୟା ଗତିପଥ ବଦଳାଇ ପାରେ । ୧୦ରେ ବାତ୍ୟା ଗତିପଥ ବଦଳାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ୮ରେ ସୃଷ୍ଟି ହେବାକୁ ଥିବା ବାତ୍ୟା ୧୦ ଯାଏ ସମାନ ଦିଗରେ ଯିବ । ୧୦ ସଂଧ୍ୟା ଯାଏ ଉତର-ପଶ୍ଚିମ ଦିଗକୁ ଗତି କରିବ ବାତ୍ୟା । ୧୦ ତାରିଖ ସଂଧ୍ୟା ପରେ ବାତ୍ୟା ଦିଗ ବଦଳାଇବା ସମ୍ଭାବନା ରହିଛି । ଦିଗ ବଦଳାଇ କ୍ରମେ ଉତର-ଉତରପୂର୍ବକୁ ବାତ୍ୟା ଗତି କରିବ । ଓଡ଼ିଶା ଉପକୂଳ ପାଖାପାଖି ପହଂଚିବା ପରେ ଦିଗ ବଦଳାଇବାର ସମ୍ଭାବନା ରହିଛି । ବାତ୍ୟା ଓଡ଼ିଶା ଉପକୂଳ ପାଖାପାଖି ହୋଇ ଯିବାର ସମ୍ଭାବନା ରହିଛି । ପ୍ରଭାବରେ ୧୦ ଓ ୧୧ରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ସେ କହିଛନ୍ତି ।

ଅବପାତର ରୂପ ନେଲା ଲଘୁଚାପ : ବାତ୍ୟା ଲାଣ୍ଡଫଲ କରିବନି : ଆଇଏମଡି ଡିଜି

ଭୁବନେଶ୍ୱର, ୭।୫(ପି.ଏନ): ସୁଦୃଶଃ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଂଚଳରେ ଅବପାତ ରେ ପରିଣତ ହୋଇଛି। ବର୍ତମାନ ଏହା ପୁରୀ ଠାରୁ ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ ୧୩୦୦କିମି ଦୂରରେ କେନ୍ଦ୍ରୀଭୂତ ଅଛି ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବନି ବୋଲି କହିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି ଯେ ୧୦ ରାତିରେ ବାତ୍ୟା ଦିଗ ବଦଳାଇ ଉତର-ଉତର ପୂର୍ବ ଦିଗକୁ ଗତି କରିବାର ସମ୍ଭବନା ରହିଛି । ଆଇଏମଡି ଡିଜି କହିଛନ୍ତି ଯେ ଓଡ଼ିଶା ହେଉ କି ଆନ୍ଧ୍ର, ବାତ୍ୟା କେଉଁଠାରେ ଲ୍ୟାଣ୍ଡଫଲ୍ କରିବନି । ଲ୍ୟାଣ୍ଡଫଲ୍ ନକରି ବାତ୍ୟା ସମୁଦ୍ର ଉପରେ ଚାଲିଯିବ। ତେବେ ୯ ତାରିଖରୁ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନଯିବାକୁ ପରାମର୍ଶ ଦିଆଯାଇଛି। ସମୁଦ୍ରରେ ଥିବା ମତ୍ସ୍ୟଜୀବୀ ୮ ସୁଦ୍ଧା ଚାଲି ଆସିବାକୁ କୁହାଯାଇଛି ।୧୦ ସଂଧ୍ୟା ପରେ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହେବ ଗଂଜାମ, ଗଜପତି, ଖୋର୍ଦ୍ଧା, ଜଗତସିଂହପୁର, ପୁରୀରେ ବର୍ଷା ହେବ କିଛି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି କହିଛନ୍ତି ଆଇଏମ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ।ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହାର ପ୍ରଭାବରେ ଆସନ୍ତା ୧୦ ତାରିଖରେ ଗଜପତି, ଗଂଜାମ ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ୮୦ରୁ ୯୦ କିମି ବେଗରେ ଏବଂ ସ୍ଥାନେ ସ୍ଥାନେ ୧୦୦ କିମି ପର୍ଯ୍ୟନ୍ତ ପବନ ବହିପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି। ସେହିପରି ୧୧ ତାରିଖରେ ଉପକୂଳ ଓଡିଶାରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ସହ ଗଂଜାମ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କଟକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାର ପରିମାଣ ୭ରୁ ୧୧ ସେଂଟିମିଟର ପର୍ଯ୍ୟନ୍ତ ରହିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହିସମୟରେ ୪୦ରୁ ୬୦ କିମି ବେଗରେ ପବନ ବହିପାରେ । ଏନେଇ ଏହି ସମସ୍ତ ଜିଲ୍ଲାରଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ଓଁ ଶ୍ରୀ ଶ୍ରୀ ଗଣେଶାୟ ନମଃ
ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ ।
ନିର୍ବିଘ୍ନଂକୁରୁମେ ଦେବ, ସର୍ବ କାର୍ଯ୍ୟେଷୁ ସର୍ବଦା ॥

ଶୁଭ ବ୍ରତୋପନୟନ

ଆୟୁଷ୍ମାନ ଦେବପ୍ରିୟ

୮ ମଇ ୨୦୨୨ (ରବିବାର)

ଦର୍ଶନାଭିଳାଷୀ:
ଶ୍ରୀମତୀ ଦୀପ୍ତି- ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର
ବିଜୟ-ବିଷ୍ଣୁପ୍ରିୟା, ଧନଞ୍ଜୟ -ଦେବସ୍ମିତା
ମହାପାତ୍ର ପରିବାର ଏବଂ ବନ୍ଧୁବର୍ଗ

ରାଜଗୁରୁପୁର, ଘଣ୍ଟେଶ୍ୱର, ଭଦ୍ରକ

ଶୁଭେଚ୍ଛା ସହ :
"ପର୍ଯ୍ୟବେକ୍ଷକ" ଓ ଦି କଳିଙ୍ଗ କ୍ରୋନିକିଲ ପରିବାର

ବିଜୁ ପଟ୍ଟନାୟକ ଦକ୍ଷତା ପ୍ରୋତ୍ସାହନ ପୁରସ୍କାର ରାଶି ପରିମାଣ ବୃଦ୍ଧି

ଭୁବନେଶ୍ୱର,୭।୫(ପି.ଏନ): ରାଜ୍ୟ ସରକାର ବିଜୁ ପଟ୍ଟନାୟକ ଦକ୍ଷତା ପ୍ରୋତ୍ସାହନ ପୁରସ୍କାର ରାଶି ପରିମାଣ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଆଜି ଭୁବନେଶ୍ୱରରେ ଇଣ୍ଡିଆନ ସ୍କିଲ ପ୍ରତିଯୋଗିତା-୨୦୨୧ର ବିଜେତାମାନଙ୍କୁ ପୁରସ୍କୃତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ଘୋଷଣା କରିଛନ୍ତି ।ସେ କହିଛନ୍ତି, ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଗୋଲଡ୍ ମେଡାଲ ବିଜୟୀଙ୍କୁ ୧କୋଟି ଟଙ୍କା, ରୌପ୍ୟ ବିଜେତାଙ୍କୁ ୫୦ଲକ୍ଷ ଓ ବ୍ରୋଞ୍ଜ ବିଜେତାଙ୍କୁ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବ । ଓଡିଶାର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ୫୯ଟି ମେଡାଲ ବିଜୟୀ ହୋଇଛନ୍ତି । ଏହି ପ୍ରତିଯୋଗିତା ୨୦୨୨ ଜାନୁୟାରୀ ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । କ୍ୟାବିନେଟ ପ୍ରସ୍ତୁତିରେ ସନ୍ତୋଷ ଓଝା, ପେଣ୍ଟିଂରେ ସୋନା ବେହେରା, ରୋବୋଟିକ୍ ସିଷ୍ଟମରେ ସ୍ୱାତୀ କୁମାରୀ ଓ ନୌସିନ

ଟି ଟାଇମ୍

ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟତ୍ତ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତତ୍ତ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜତ୍ତ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫତ୍ତ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକତ୍ତ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡତ୍ତ କରିଥିଲେ।

ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

ପୁରାଣ କାହାଣୀ

ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ତ୍ତଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ତଲେ । ଧୀରେ ଧୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସଯରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

ମୋଗଲ ଯୁଗର ଘଣ୍ଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ

ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର

କେନ୍ଦ୍ରାପଡା ବ୍ଲକରେ ପ୍ରଥମ ପଞ୍ଚାୟତ ସମିତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ଚଳିତ ବର୍ଷ ତ୍ରିସ୍ତରୀୟ ନିର୍ବାଚନ ପରେ କେନ୍ଦ୍ରାପଡ଼ା ପଞ୍ଚାୟତ ସମିତିର ପ୍ରଥମ ବୈଠକ ବ୍ଲକ ଅଧକ୍ଷ ରଶ୍ମିତା ସେଠୀଙ୍କ ଅଧକ୍ଷତାରେ ଶୁକ୍ରବାର ବ୍ଲକ ପରିସରସ୍ଥ ନବନିର୍ମିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନରେଗା ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ପଞ୍ଚାୟତ ସ୍ତରରେ ମିଶନ ଶକ୍ତି କାର୍ଯ୍ୟକୁ ଆଗେଇ ନେବା ପାଇଁ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ପରାମର୍ଶ ଦେଇଥିଲେ। ମିଶନ ଶକ୍ତି ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାମାନଙ୍କ ସଶକ୍ତିକରଣ ସମ୍ଭବ ହୋଇ ପାରିବ ବୋଲି ବିଧାୟକ କହିଥିଲେ। ମିଶନ ଶକ୍ତି ମାଧ୍ୟମରେ ନାରୀ ସଶକ୍ତିକରଣ ସମ୍ଭବ ହୋଇ ପାରିବ ବୋଲି ବିଧାୟକ କହିଥିଲେ। ବିଧାୟକ ଶ୍ରୀ ବେହେରା କେନ୍ଦ୍ରାପଡ଼ା ବ୍ଲକରେ କୃଷକମାନଙ୍କର କିପରି ଉନ୍ନତି ହୋଇ ପାରିବ ସେ ସଂକ୍ରାନ୍ତରେ ମଧ୍ୟ ପରାମର୍ଶ ଦେଇଥିଲେ। କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ କୃଷକମାନେ କିପରି କ୍ଷତି ପୁରଣ ପାଇ ପାରିବେ ସେ ଦିଗରେ ଜନ ପ୍ରତିନିଧିମାନେ ଉଦ୍ୟମ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ଚାଷୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେମାନଙ୍କୁ ଅବଗତ କରିବା ପାଇଁ ବିଧାୟକ କହିଥିଲେ। ସର୍ବୋପରି ଜନସାଧାରଣଙ୍କୁ ସମସ୍ତ ପ୍ରକାର ସହଯୋଗ କରି କେନ୍ଦ୍ରାପଡ଼ା ବ୍ଲକକୁ ସମଗ୍ର ଜିଲ୍ଲାରେ ଏକ ନମ୍ବର ବ୍ଲକରେ ପରିଣତ କରାଯିବ ବୋଲି ବିଧାୟକ ଶ୍ରୀ ବେହେରା ପ୍ରକାଶ କରିଥିଲେ। ମନରେଗା କାର୍ଯ୍ୟରେ ଯେପରି ସ୍ୱଚ୍ଛତା ରକ୍ଷା କରାଯାଇ ପାରିବ ସେ ନେଇ ବିଡିଓ ଗୁରୁତ୍ୱ ଦେଇଥିଲେ। ବୈଠକରେ ସରପଞ୍ଚ ଓ ସମିତିସଭ୍ୟମାନେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଅଚଳ ଥିବା ନଳକୂପକୁ ସଚଳ କରିବା ପାଇଁ ଜନ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଯେଉଁ ଗ୍ରାମଗୁଡିକରେ ନଳକୂପ ବ୍ୟବସ୍ଥା ନାହିଁ ସେହି ଗ୍ରାମଗୁଡିକରେ କିପରି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହୋଇ ପାରିବ ସେ ନେଇ ଜନପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ। ଏଥିସହ ଉଦ୍ୟାନ କୃଷି, ଶିକ୍ଷା, ମାଛ ଚାଷ, କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ଅନୁଦାନ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ତାଙ୍କ ଜୋନ ଅନ୍ତର୍ଗତ ବଗଡ଼ା, କଳପଡ଼ା, କପାଳେଶ୍ୱର, ଓସ୍ତପୁର, ପୁରୁଷୋତ୍ତମପୁର, କଂସାର, ଆୟବା ପ୍ରମୁଖ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସଭାକୁ ଅବଗତ କରିଥିଲେ। ସେହିପରି ମନରେଗା ଯୋଜନାରେ ପଞ୍ଚାୟତଗୁଡିକରେ ଯେଉଁସବୁ କାର୍ଯ୍ୟ ପୂର୍ବତନ ସରପଞ୍ଚମାନେ କରିଛନ୍ତି ସେଗୁଡିକର ବିଲ କିପରି ପାସ ହେବ ଏବଂ ଚଳିତ ଆର୍ଥିକ ବର୍ଷରେ କିପରି ଅଧିକ କର୍ମନିଯୁକ୍ତି ସୃଷ୍ଟି କରିହେବ ତାହା ଉପରେ ଗୁରୁତ୍ୱ ଦେବା ପାଇଁ ସେ କହିଥିଲେ। ୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ତାଙ୍କ ଜୋନରେ ଥିବା ପଞ୍ଚାୟତଗୁଡିକରେ ପାନୀୟ ଜଳ ସମସ୍ୟା ଓ ରାସ୍ତାଘାଟ ସମସ୍ୟା ସମ୍ପର୍କରେ ଗୃହକୁ ଅବଗତ କରିଥିଲେ। ବୈଠକରେ ୬ନମ୍ବର ଜୋନ ସଭ୍ୟା ନିର୍ମଳା ମହାନ୍ତି ଓ ୫ ନମ୍ବର ଜୋନ ସଭ୍ୟା ଲିଲିତା ଦାସ ସେମାନଙ୍କ ପଞ୍ଚାୟତରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ କହିଥିଲେ ତାଙ୍କ ପଞ୍ଚାୟତରେ ଥିବା ବୀରସ୍ୱତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦେଖା ଦେଇଛି। ଫଳରେ ପାଠପଢା ସଠିକ ଭାବେ ହୋଇ ପାରୁନାହିଁ। ୮ଟି ଶ୍ରେଣୀ ପାଇଁ ମାତ୍ର ୬ଜଣ ଶିକ୍ଷକ ଅଛନ୍ତି । ସେହିପରି ଏହି ପଞ୍ଚାୟତର କଦଳୀବାଡି ପ୍ରାଥମିକ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ନାହିଁ। ଏ ନେଇ ତହସିଲଦାରଙ୍କୁ ବାରମ୍ବାର କହିଲେ ମଧ୍ୟ ସେ ଏହାକୁ କର୍ଣ୍ଣପାତ କରୁ ନ ଥିବା ସେ କହିଥିଲେ। ବୈଠକରେ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ନିର୍ମାଣ କରାଯାଇଥିବା ସଭାଗୃହକୁ ବିଧାୟକ ଶଶୀଭୂଷଣ ବେହେରା ଉଦ୍‌ଘାଟନ କରିଥିଲେ।

ପୁରୁଣା ପେନ୍‌ସନ୍ ଦାବିରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବର୍ଗର ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ସରକାରୀ କର୍ମଚାରୀମାନଙ୍କ ଏକ ବୈଠକ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାଧ୍ୟମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅରୁଣ କୁମାର ପ୍ରାମାଣିକଙ୍କ ସଭାପତିତ୍ୱରେ ଏକ ବୈଠକ ଗରାପୁରସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପସ୍ଥିତ ବିଭିନ୍ନ ସଂଘର କର୍ମକର୍ତ୍ତାମାନେ ନୂତନ ପେନ୍‌ସନ୍ ଯୋଜନା ସମ୍ପର୍କରେ ବିଷୋଦ୍‌ଗାର କରିବା ସହ ଏହା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପ୍ରତି ଉଦାସୀନ ମନୋଭାବ ଓ ଏକ ଉପହାସ ପୂର୍ଣ୍ଣ ଭତ୍ତା ପ୍ରଦାନର ବ୍ୟବସ୍ଥା ଯାହାକି ଅବସର ପରେ ସ୍ୱଳ୍ପ ଭତ୍ତାରେ ମାନସିକ ନିର୍ଯ୍ୟାତନାର ଶିକାର ହୋଇ ନିଷ୍ପେଷିତ ଓ ଅବହେଳିତ ହେଉଛନ୍ତି । ସରକାରଙ୍କ ଏ ପ୍ରକାର କର୍ମଚାରୀ ମାରଣ ନୀତି ତଥା ନୂତନ ପେନ୍‌ସନ୍ ଯୋଜନାକୁ ହଟାଇ ପୁରୁଣା ପେନ୍‌ସନ୍ ଯୋଜନା ଅବିଳମ୍ବେ ପ୍ରଚଳନ କରିବାକୁ ଏହି ପ୍ରସ୍ତୁତି ବୈଠକରେ ଦାବି କରାଯାଇଛି । ଭାରତର ରାଜସ୍ଥାନ, ଛତିଶଗଡ଼, ପଶ୍ଚିମବଙ୍ଗ, ଦିଲ୍ଲୀ ଭଳି ଓଡ଼ିଶା ସରକାର ପୁରୁଣା ପେନସନ୍ ଯୋଜନା ୨୦୦୪ମସିହା ପୂର୍ବରୁ ଯେପରି ଥିଲା ସେହିପରି ଲାଗୁ ନକଲେ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଦୁର୍ବାର ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ କହିଥିଲେ । ବୈଠକରେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ସଂଗଠନକୁ ନେଇ ଏକ ପୂର୍ଣ୍ଣାଙ୍ଗ ବୈଠକ କରାଯିବା ପାଇଁ ମାଧ୍ୟମିକ ଶିକ୍ଷକ ସଂଘ, କେନ୍ଦ୍ରାପଡ଼ା ଜିଲ୍ଲାର ସଭାପତି ଅରୁଣ କୁମାର ପ୍ରାମାଣିକଙ୍କୁ ଆବାହକ ଓ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡ଼ାଙ୍କୁ ସଂଯୋଜକ ଏବଂ ସେକ୍ ମହମ୍ମଦ ଫୟାଜଉଦ୍ଦିନଙ୍କୁ ଗଣମାଧ୍ୟମ ସଂଯୋଜକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ଏହି ବୈଠକରେ ମାଧ୍ୟମିକ ଶିକ୍ଷକ ସଂଘର ସଂପାଦକ ମନୋରଞ୍ଜନ ତ୍ରିପାଠୀ, ଉପ-ସଭାପତି ମହେଶ୍ୱର ସାହୁ, ପ୍ରଦୀପ ସାହୁ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଂପାଦକ ଅଶ୍ୱିନୀ କୁମାର ରାଉତ, ଉପ-ସଭାନେତ୍ରୀ କାକୁଲି ମଲ୍ଲିକ, ମୁଖପାତ୍ର ଭକ୍ତ ରଂଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମଳିକ ଏବଂ ପ୍ରତ୍ୟେକ ବ୍ଲକର ସଭାପତି ଓ ସଂପାଦକ ଯଥା, ଅକ୍ଷୟ ଦାସ, ପ୍ରେମାନନ୍ଦ ଦାସ, ଦିବାକର ରାଉତ, ଚିତରଂଜନ ରାଉଳ, କେଦାର ବେହେରା, ସେକ୍ ଖତିବ୍,ଏମ୍.ଡ଼ି ଅସଗର ଅଲ୍ଲୀ, ବିଶ୍ୱବନ୍ଧୁ ଜେନା, ଅଜୟ ଦାସ, କୃଷ୍ଣଚନ୍ଦ୍ର ମଲ୍ଲିକ, ବିଶ୍ୱରଂଜନ ଦାଶ, ଅମୀୟ ଚୌଧୁରୀ, ଶିଶିର ଦାସ, ପ୍ରକାଶ ବେହେରା, ନାରାୟଣ ପାଢ଼ୀ, ଦପ୍ତରୀ ସଂଘର କର୍ମକର୍ତା ସୁରେନ୍ଦ୍ରନାଥ ସାହୁ, ରାଜସ୍ୱ ସେବା ସଂଘ, ଫାର୍ମାସିଷ୍ଟ, ଅମିନ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଇନ୍ଦୁପୁରଠାରେ ଭାରତରତ୍ନ ଆମ୍ବେଦକରଙ୍କ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ହାଇସ୍କୁଲ ପରିସରରେ ଭାରତରତ୍ନ ଡଃ. ବି.ଆର୍.ଆମ୍ବେଦକରଙ୍କ ୧୩୨ତମ ଜୟନ୍ତୀ ପାଳନ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦ ସମ୍ପାଦକ ପ୍ରଣବ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଜୁ ଜନତା ଦଳର ଯୁବନେତା ଦୁସ୍ମନ୍ତ କୁମାର ମଳିକ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ରାଉତ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପର୍ଶୁରାମ ସ୍ୱାଇଁ, ସାମ୍ବାଦିକ ମଦନମୋହନ ସ୍ୱାଇଁ, ମିହିର କୁମାର ମଳିକ, ଶଶିଭୂଷଣ ପଣ୍ଡା ପ୍ରମୁଖ ବିଦ୍ୟାଳୟ ପରିସରରେ ଥିବା ଆମ୍ବେଦକରଙ୍କ ସମେତ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଡଃ. ଆମ୍ବେଦକର ଏକ ଦଳିତ ପରିବାରରେ ଜନ୍ମ ନେଇ ଅଭାବ ଅନାଟନ ମଧ୍ୟରେ ଶିକ୍ଷାନୁରାଗୀ ହୋଇ କଲମ୍ବିଆ ବିଶ୍ୱ ବିଦ୍ୟାଳୟରୁ ଉଚ୍ଚ ଡିଗ୍ରୀ ଲାଭ କରି ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ରୂପେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସମ୍ବିଧାନର ଖସଡା ପ୍ରସ୍ତୁତ କରିବା ଓ ଅଛୁଆଁ ଭେଦଭାବକୁ ବେଆଇନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସାମାଜିକ ନ୍ୟାୟ ଅଭିଯାନ ସମିତିର ଅନ୍ୟତମ ସଦସ୍ୟ ମିହିର କୁମାର ମଳିକ, ଦୁଷ୍ମନ୍ତ କୁମାର ମଳିକ, ପ୍ରାକ୍ତନ ସରପଞ୍ଚ ବିଜନ କୁମାର ମଳିକ, ଅକ୍ଷୟ କୁମାର ମଳିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ମହାରଣା, ସେକ ମୋଇବୁର ରବ୍, ପ୍ରକାଶ ଜେନା, ବୀରବର ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଭୂମିପୁତ୍ର ବିଜୁ ପଟ୍ଟନାୟକ ଓ ଇଣ୍ଡୋନେସିଆ

ବୋଧହୁଏ ଓଡିଶାର ବିଜୁବାବୁ ହେଉଛନ୍ତି ଏକମାତ୍ର ଭାରତୀୟ ନେତା ଯାହାଙ୍କର ଏକ ପଡୋଶୀ ବିଦେଶୀ ରାଷ୍ଟ୍ରର ସ୍ୱାଧିନତା ହାସଲରେ ମହତ୍ୱପୂର୍ଣ୍ଣ ଭୂମିକା ଇତିହାସ ଦ୍ୱାରା ସ୍ୱୀକୃତ ହୋଇଛି । ସେହି ଦେଶଟି ହେଉଛି ଇଣ୍ଡୋନେସିଆ, ଯାହା ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ନାମରେ ଜଣାଶୁଣା । ପ୍ରାଚୀନ କାଳରେ ଭାରତରୁ ଚୋଳରାଜା ମାନେ ସେଠାରେ ରାଜ୍ୟ ସ୍ଥାପନ କରି ହିନ୍ଦୁ ଓ ବୌଦ୍ଧ ଧର୍ମ ପ୍ରଚାର କରିଥିଲେ । ପରେ ଏହା ମୁସଲିମବହୁଳ ଦେଶରେ ପରିଣତ ହେଲା । ଏହି ଦେଶର ବାଲି ଦ୍ୱୀପରେ ଏବେବି ଅନେକ ହିନ୍ଦୁ ବାସକରି ଭାରତୀୟ ସଂସ୍କୃତିକୁ ଅନୁସରଣ କରନ୍ତି । ରାମାୟଣ ମହାଭାରତର କଥାବସ୍ତୁ ସେଠାରେ ଲୋକମାନଙ୍କର ପ୍ରିୟ କାହାଣୀ ଓ ଗରୁଡ ତାଙ୍କ ଜାତୀୟତାର ଚିହ୍ନ । ସମୁଦାୟ ୧୭ ହଜାର ଛୋଟ ବଡ ଦ୍ୱୀପ ଏହି ଦେଶରେ ଅଛି। ଏହା ପୂର୍ବରୁ ପଶ୍ଚିମ ହୋଇ ବିଷୁବ ରେଖାର ଉଭୟ କଡରେ ପୃଥିବୀର ବ୍ୟାସର ଆଠଭାଗରୁ ଏକ ଭାଗ ବିସ୍ତାରିତ ହୋଇଛି। ଜାଭା, ସୁମିତ୍ରା, ବାଲି ବୋର୍ଣ୍ଣିଓ, ଗୁଆନା, ଟିମୋର ଭଳି ବଡ ଦ୍ୱୀପମାନ ରହିଛି । ଜାଭା ସବୁଠାରୁ ବଡ ଦ୍ୱୀପ ଓ ଏହି ଦ୍ୱୀପରେ ଅବସ୍ଥିତ ଜାକର୍ତା ଦେଶର ରାଜଧାନୀ ତଥା ବିଶ୍ୱର ଦ୍ୱିତୀୟ ଜନବହୁଳ ନଗରାଂଚ-ଳ । ଏହା ବିଶ୍ୱର ସପ୍ତମ ଆୟତନରେ ବୃହତମ ଓ ଚତୁର୍ଥ ଜନବହୁଳ (୨୭ କୋଟି) ରାଷ୍ଟ୍ର । ବିଶ୍ୱର ସବୁଠାରୁ ଅଧିକ ମୁସଲମାନ ଏହି ଦେଶରେ ରୁହନ୍ତି । ଦେଶରେ ମୂଲ୍ୟବାନ ଖଣିଜ (ତେଲ, ଟିଣ) ବନଜ ସଂପଦ, କୃଷି ସଂପଦ ଜଳସଂପଦ ଯୋଗୁ ଏହା ବିଦେଶୀମାନଙ୍କର ଲୋଲୁପ ଦୃଷ୍ଟିରେ ପଡିଥିଲା ଓ ୩୫୦ ବର୍ଷ ଧରି ବିଦେଶୀ ଡଚମାନଙ୍କ ଦ୍ୱାରା ଶାସିତ ହୋଇଥିଲା । ଡଚ ଶାସନ ମୁଖ୍ୟତଃ ମୁଖ୍ୟ ଦ୍ୱୀପମାନଙ୍କରେ ସୀମିତ ଥିଲା । ଦୂରବର୍ତୀ ଦ୍ୱୀପମାନଙ୍କରେ ସ୍ୱାଧିନ ରାଜାମାନେ ଶାସନ କରୁଥିଲେ । ବିଦେଶୀ ଶାସନ କବଳରୁ ସ୍ୱାଧିନତା ପାଇବାପାଇଁ ସମସ୍ତ ରାଜନୈତିକ ଦଳ ମିଶି ବିଦ୍ରୋହ ଆରମ୍ଭ କରିଥିଲେ । ସୁକର୍ଣ୍ଣ, ତାଙ୍କ ବନ୍ଧୁ ମହମ୍ମଦ ହଟା ଓ ସାହାରିଆର ଏମାନଙ୍କ ମଧ୍ୟରେ ବିଦ୍ରୋହର ନେତୃତ୍ୱ ନେଇଥିଲେ । ଏହା ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ଜର୍ମାନ ସହ ମିଶି ଦକ୍ଷିଣ ପୂର୍ବ ଏସିଆର ସମସ୍ତ ୟୁରୋପୀୟ ଉପନିବେଶ ମାଳୟ, ବର୍ମା ଇଣ୍ଡୋଚିନ, ଫିଲିପାଇନକୁ ବିଦେଶୀମାନଙ୍କ କବଳରୁ ମୁକ୍ତ କରି ନିଜ ଅଧିନକୁ ନେଲା । ଇଣ୍ଡୋନେସିଆରୁ ମଧ୍ୟ ଡଚ ମାନଙ୍କୁ ତଡି ଦେଲା । ଜାପାନ ଅଧିକାରରେ ସାଢେ ତିନିବର୍ଷ ଦେଶ ରହିଲା । ଦ୍ୱିତୀୟ ମହାଯୁଦ୍ଧରେ ପରାସ୍ତ ହୋଇ ଜାପାନ ମିତ୍ରଶକ୍ତି ପାଖରେ ଅଗଷ୍ଟ ୧୫ ତାରିଖ ୧୯୪୫ ଦିନ ଆତ୍ମସମର୍ପଣ କଲା ଓ ଦୁଇଦିନ ପରେ ଇଣ୍ଡୋନେସିଆର ସୁକର୍ଣ୍ଣ ପୂର୍ଣ୍ଣ ସ୍ୱାଧିନତା ଘୋଷଣା କଲେ । ଜାପାନ ନାମମାତ୍ର ବାଧାଦେଇ ନିଜ ସୈନ୍ୟଙ୍କୁ ଦୂରକୁ ପ୍ରତ୍ୟାହାର କରିନେଲା । ବରଂ ବିଦ୍ରୋହୀମାନଙ୍କୁ ଅସ୍ତ୍ର ଓ ପ୍ରଶିକ୍ଷଣ ଦେଇ ଅଳ୍ପଦିନରେ ସୁଶିକ୍ଷିତ ସୈନ୍ୟବାହିନୀରେ ପରିଣତ କଲା । ଡଚମାନେ ଅଷ୍ଟ୍ରେଲିଆରେ ଥାଆନ୍ତି । ସେଠାରୁ ଇଣ୍ଡୋନେସିଆ ଆସିବା ବିଳମ୍ବ ହେଲା । ବ୍ରିଟିଶମାନେ ଆସି ପହଂଚି ଜାପାନ ସେନାଙ୍କୁ ନିରସ୍ତ୍ରୀକରଣ କଲେ । ମାତ୍ର ସେମାନେ ନୂତନ ସରକାର ସହ ଲଢିବାକୁ ଉତ୍ସାହୀ ନଥିଲେ । ମହାଯୁଦ୍ଧରେ ସମସ୍ତେ କ୍ଲାନ୍ତ ହୋଇପଡିଥିଲେ । ସାମର୍ଥ୍ୟ ମଧ୍ୟ ନଥିଲା । ସେପ୍ଟେମ୍ବର ଶେଷକୁ ଲକ୍ଷାଧିକ ଡଚ ସେନା ପହଂଚି ଦ୍ୱୀପକୁ ଅଧିକାର କରିବାକୁ ଚେଷ୍ଟା କଲେ । ବିଦ୍ରୋହୀମାନଙ୍କ କବଳରୁ ମୁଖ୍ୟ ସହରମାନ ଜାକର୍ତା ସମେତ ଅଧିକାର କରି ସୁକର୍ଣ୍ଣ, ମହମ୍ମଦ ହଟା ଓ ସୁତନ ସାହାରିଆରଙ୍କୁ ଗୃହବନ୍ଦୀ କଲେ । ମାତ୍ର ବିଦ୍ରୋହ ଥମିଲା ନହିଁ । ମିତ୍ରଶକ୍ତିର ରାଷ୍ଟ୍ରମାନେ ଯୁଦ୍ଧ ପରେ ଉପନିବେଶମାନଙ୍କୁ ସ୍ୱାଧିନତା ଦେବେ ବୋଲି ଆମେରିକାକୁ ପ୍ରତିଶ୍ରୁତି ଦେଇଥିଲେ । ଇଣ୍ଡୋନେସିଆକୁ ସ୍ୱାଧିନତା ଦେବାକୁ ବିଶ୍ୱର ବିଭିନ୍ନ ସ୍ତରରୁ ଡଚମାନଙ୍କ ଉପରେ ଚାପ ପଡିଲା । ଏହି ସମୟରେ ଭାରତ ସ୍ୱାଧିନ ହୋଇସାରିଥିଲା । ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ସୁକର୍ଣ୍ଣଙ୍କ ବନ୍ଧୁ ଥିଲେ । ସେ ସ୍ୱାଧିନତା ଦାବିକୁ ଜୋରଦାର କଲେ । ବନ୍ଦୀ ନେତାଙ୍କୁ ଭାରତକୁ ଆଣି ଆମ ବେତାର କେନ୍ଦ୍ରରୁ ସେମାନେ ବିଶ୍ୱବାସୀଙ୍କୁ ନିଜ ଦେଶର ଦୁଃଖ ଜଣାଇ ସହାନଭୂତି ଦାବି କରିବା ପାଇଁ ସେ ଯୋଜନା କଲେ ।

ସେତେବେଳେ ଓଡିଶାର ବିଜୁ ପଟ୍ଟନାୟକ ନେହରୁଙ୍କର ଘନିଷ୍ଠ ଥାଆନ୍ତି । ତାଙ୍କ ନିଜର କଳିଙ୍ଗ ଏୟାର ଲାଇନସ ନାମରେ ବିମାନ ସଂସ୍ଥା ଥିଲା । ସେ ୧୯୩୦ ମସିହାରେ ଦିଲ୍ଲୀ ଫ୍ଲାଇଙ୍ଗ କ୍ଲବରେ ଯୋଗଦେଇ ଦକ୍ଷ ପାଇଲଟ ରୂପେ ସ୍ୱିକୃତୀ ପାଇଥିଲେ । ରୟାଲ ଇଣ୍ଡିଆନ ଏୟାରଫୋର୍ସର ବୈମାନିକ ରୂପେ ବିଜୁବାବୁ ଯୁଦ୍ଧ ସମୟରେ ସ୍ୱାଧିନତା ସଂଗ୍ରାମୀଙ୍କୁ ଗୋପନରେ ଅନେକ ସାହାଯ୍ୟ କରିଥିଲେ । କାଶ୍ମୀରରେ ମଧ୍ୟ ସୈନ୍ୟ ପହଂଚାଇଥିଲେ । ତାଙ୍କୁ ନେହେରୁ ଇଣ୍ଡୋନେସିଆ ଯାଇ ଗୃହବନ୍ଦୀ ଥିବା ନେତାଙ୍କୁ ଭାରତ ଆଣିବା ପାଇଁ ନିର୍ଦ୍ଦେଶ ଦେଲେ । ଜୁଲାଇ୨୩, ତାରିଖ ୧୯୪୭ ଦିନ ବିଜୁବାବୁ ନିଜ ଡାକୋଟାରେ ସ୍ତ୍ରୀ ଜ୍ଞାନଙ୍କ ସହ ଯାତ୍ରା କଲେ । ସିଙ୍ଗାପୁରରୁ ଜାକାର୍ତା ଗଲାବେଳେ ଡଚମାନେ ଗୁଳି କରିବାକୁ ଧମକ ଦେଲେ । ମାତ୍ର ବିଜୁବାବୁ ଡରି ନଯାଇ ବନ୍ଦୀ ହଟାଓ ସାହାରିଆରଙ୍କୁ ନିଜ ବିମାନରେ ଦିଲ୍ଲୀ ଆଣି ନେହରୁଙ୍କ ପାଖରେ ହାଜର କଲେ । ସେମାନେ ବେତାରରେ ଡଚମାନଙ୍କ ନିର୍ଯ୍ୟାତନା କାହାଣୀ ବିଶ୍ୱବାସୀଙ୍କୁ ଜଣାଇଲେ । କ୍ଷୁବ୍ଧ ଆମେରିକା ହଲାଣ୍ଡକୁ ସମସ୍ତ ସାହାଯ୍ୟ ବନ୍ଦ କରିବାର ଧମକ ଦେଲା । ବାଧ୍ୟ ହୋଇ ୧୯୪୯ ମସିହାରେ ଡଚମାନେ ଇଣ୍ଡୋନେସିଆକୁ ସ୍ୱାଧିନତା ଦେଇଦେଲେ ।

ସୁକର୍ଣ୍ଣଙ୍କ ସହ ତାଙ୍କର ନିବିଡ ବ୍ୟକ୍ତିଗତ ସଂପର୍କ ଥିଲା । ସୁକର୍ଣ୍ଣଙ୍କ କନ୍ୟା ଜନ୍ମବେଳେ ବିଜୁବାବୁ ସେଠାରେ ଥିଲେ । ସ୍ତ୍ରୀ ଜ୍ଞାନଦେବୀ ନବଜାତ କନ୍

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମେ' ୦୮

—ସୁସ୍ଥ ସାଧନା—

ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ଜୀବନ ସୁଖୀ ଜୀବନ। ଦୁଃଖ ଯନ୍ତ୍ରଣା ରହିତ ଶରୀର ଓ ମନ ହେଉଛି ସୁସ୍ଥତାର ଲକ୍ଷଣ। ଏକଥା ଆମେ ସମସ୍ତେ ଜାଣିଛେ। ଯେଉଁଠି ଜୀବନ ଅଛି ସେଠାରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଅଛି। ଶାରୀରିକ ଓ ମାନସିକ ଏହି ଦୁଇଟିର ଯଥାଯଥ ବିକାଶ ହେଉଛି ଉତ୍ତମ ସ୍ୱାସ୍ଥ୍ୟର ପରିଚୟକ। ଉତ୍ତମ ସ୍ୱାସ୍ଥ୍ୟ ସଫଳ ଜୀବନର ବାହକ। ଉତ୍ତମ ସ୍ୱାସ୍ଥ୍ୟ ବିନା ଜୀବନ ଦୁର୍ବିସହ ହୋଇଯାଏ। ମନୁଷ୍ୟ ଏହି ସୃଷ୍ଟିର ଶ୍ରେଷ୍ଠ ଜୀବ। କୌଣସି ବ୍ୟକ୍ତିକୁ ଯଦି ସମଗ୍ର ବିଶ୍ୱର ଅଧିଶ୍ୱର କରି ଦିଆଯାଏ, ଯେବେ ସେ ସୁସ୍ଥ ନଥାଏ ତେବେ ସମସ୍ତ ସମ୍ପଦ, ସମସ୍ତ ପଦ ପଦବୀ ତା ପାଇଁ ମୂଲ୍ୟହୀନ। ଏହି ଶରୀରକୁ ଆଧାର କରି ସବୁ କିଛି। ଭାଗବତରେ ଅଛି 'ଏ ଦେହ ଥିଲେ ସବୁ ପାଇଁ'। ତେଣୁ ଏହି ଈଶ୍ୱର ପ୍ରଦତ୍ତ ଶରୀର ରୂପକ ଯନ୍ତ୍ରଟିକୁ ଯତ୍ନର ସହିତ ସୁସ୍ଥ ସବଳ ଓ ସତେତ କାର୍ଯ୍ୟକ୍ଷମ କରି ରଖିବାକୁ ହୋଇଥାଏ। ଏହା ଆମର ବାହନ। ଆମକୁ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାର ମାଧ୍ୟମ। ଯଦି ଯନ୍ତ୍ର ଅସୁସ୍ଥ ହୋଇଗଲା କାର୍ଯ୍ୟକ୍ଷମ ହେଲାନାହିଁ ତେବେ ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା ନାହିଁ। ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍।

ସୃଷ୍ଟିର ଅନନ୍ତ ପ୍ରବାହ ଏକ ଅନୁଶାସନର ଅନୁବର୍ତ୍ତିତ। ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ନକ୍ଷତ୍ର, ଆକାଶ, ଅନିଳ, ଅନଦ, ଜଳସ୍ଥଳ ଠାରୁ ଆରମ୍ଭ କରି ଚର ଅଚର ସବୁକିଛି ଏକ ନିୟମର ବଶବର୍ତ୍ତୀ। ନିୟମ ଏକ ଶୃଙ୍ଖଳା। ସମସ୍ତେ ନିୟମ ମାନି ଶୃଙ୍ଖଳାର ସହିତ ଆପଣା କର୍ତ୍ତବ୍ୟ ପାଳନ କରୁଛନ୍ତି। କେବଳ ମନୁଷ୍ୟ ସବୁ ଜାଣି ମଧ୍ୟ ସ୍ୱେଚ୍ଛାଚାରୀ ହୋଇ ନିୟମ ଉଲ୍ଲଂଘନ କରେ ବିଶୃଙ୍ଖଳିତ ଜୀବନ ଯାପନ କରେ। ଯାହାଫଳରେ ନିଜେ ମାନସିକ ଓ ଶାରୀରିକ ସ୍ତରରେ ଅସୁସ୍ଥ ହେବା ସହିତ ସାରା ସୃଷ୍ଟିକୁ ଅସୁସ୍ଥ ଏବଂ ବିଶୃଙ୍ଖଳିତ କରିଦିଏ। ଆମ ଅଜାଣତରେ ଆମ କର୍ମର ପ୍ରଭାବ ଅନ୍ୟ ମାନଙ୍କୁ ଭୋଗିବାକୁ ପଡ଼େ। ବର୍ତ୍ତମାନ ଆମେ ଭୋଗୁଥିବା ସମସ୍ତ ଦୁଃଖ ଦୈନ୍ୟ ଆମ ଅସୁସ୍ଥ ଆଚରଣର ପରିଣାମ ମାତ୍ର। ଆମେ ନିୟମାନୁବର୍ତ୍ତି ହେଲେ ପ୍ରକୃତି ମଧ୍ୟ ଆମର ସୁରକ୍ଷା କରିବ। ଭଗବାନ ବହୁ ଭାବରେ ଆମକୁ ସ୍ୱୟଂ ସଞ୍ଚାଳିତ କରିଛନ୍ତି। ଏହା ତାଙ୍କର ଅଶେଷ ଆଶୀର୍ବାଦ। ସଚେତନତା, ନିୟମାନୁବର୍ତ୍ତୀତା, ଧୈର୍ଯ୍ୟ, ଶ୍ରଦ୍ଧା, ପ୍ରେମ, କ୍ଷମା, ସହିଷ୍ଣୁତା, ଉତ୍ସାହ, ଉଦ୍ଦୀପନା ଓ କଠୋର ପରିଶ୍ରମ ଆଦି ଜୀବନ ନିର୍ମାଣର ଗୋଟିଏ ଗୋଟିଏ ବିଭାବ। ସୁସ୍ଥ ଜୀବନ ପାଇଁ ଭଗବାନ ଆମକୁ ଦୁଇଟି ଆଶୀର୍ବାଦ ଦେଇଛନ୍ତି। ଭୁଲିଯିବାର କଳା ଏବଂ ହସିବାର କଳା। ଏହି ଦୁଇଟି ଆଶୀର୍ବାଦ କଳା ଯଦି ଆମେ ଭଲ ଭାବେ ଦେଖିଯିବା ଶିଖିଯିବା ତେବେ ଜୀବନର ସବୁଠାରୁ ଦୁଃଖଦ ସମୟରେ ମଧ୍ୟ ଏହି କଳା ମଣିଷ ପାଇଁ ସଞ୍ଜିବନୀ ସଦୃଶ କାମ କରିବ।

ଆମ ଶରୀର ଏକ ବିଚିତ୍ର ଯନ୍ତ୍ର। ବିଚିତ୍ର କଳା କୌଶଳରେ ନିର୍ମିତ ଅନେକ ସୂକ୍ଷ୍ମାତି ସୂକ୍ଷ୍ମ ସ୍ୱୟଂ ଚାଳିତ ଯନ୍ତ୍ରାଂଶର ଏହା ସମ୍ମିଳିତ ସ୍ୱରୂପ। ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ, ପ୍ଲିହା, ପାକସ୍ଥଳୀ, ମୂତ୍ରଯନ୍ତ୍ର, ଶିରା ପ୍ରଶିରା ଭଳି ଅନେକ ଛୋଟ ବଡ଼ ଯନ୍ତ୍ର ମିଳିତ ଭାବେ ଶରୀର ମନକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଆନ୍ତି। କଥାରେ ଅଛି – ଯଦି ପେଟ ଓ ମୁଣ୍ଡ ଉଭୟ ପରିଷ୍କାର ତେବେ ଶରୀର ଆପାତତ୍ ସୁସ୍ଥ। ପ୍ରାୟ ରୋଗ, ଶୋକ, ଦୁଃଖର ଉତ୍ପତ୍ତି ସ୍ଥଳ ଏହି ପେଟ ଓ ମୁଣ୍ଡ ଅଟେ। ଖାଦ୍ୟ ଠିକ୍ ଠିକ୍ ପରିପାକ ହେଉଥିବ, ମଳମୂତ୍ର ନିଷ୍କାସନ ଠିକ ଭାବେ ହେଉଥିବ, ମୁଣ୍ଡରେ କୌଣସି କୁଚିନ୍ତା, ଦୁଶ୍ଚିନ୍ତା ନଥିବ, ନିଦ୍ରା ଠିକ ଭାବେ ହେଉଥିବ, ସ୍ନାୟବିକ ଦୌବଲ୍ୟତା ନଥିବ, ଅନ୍ତସ୍ରାବୀ ଗ୍ରନ୍ଥୀ ସଠିକ ଭାବେ କାର୍ଯ୍ୟ କରୁଥିବ, ତେବେ ଜାଣିବ ଶରୀର ଓ ମନ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରିଛନ୍ତି। ଏହା ହେଉଛି ବାସ୍ତବ ସୁସ୍ଥତାର ଲକ୍ଷଣ। ସରଳ ଜୀବନ, ଉଚ୍ଚ ଚିନ୍ତନ, ଶୁଦ୍ଧ ବିଚାର, ପ୍ରଫୁଲ୍ଲ ମନ, ପୌଷ୍ଟିକ ଆହାର ଯଥା ସମ୍ଭବ ମୁକ୍ତ ପବନରେ ଭ୍ରମଣ, ସୂର୍ଯ୍ୟସ୍ନା, ଶାରୀରିକ ବ୍ୟାୟାମ, ନିୟମିତ ଜପ, ଧ୍ୟାନ, ସେବା, ପ୍ରେମ ଆଦି ଈଶ୍ୱରୀୟ କର୍ମ ସମ୍ପାଦନ, ସତକର୍ମ, ବ୍ରହ୍ମଚର୍ଯ୍ୟ ପାଳନ, ସଦାଚାରଯୁକ୍ତ ଜୀବନ ଯାପନ ମଣିଷକୁ ସର୍ବଦା ସୁସ୍ଥ ରଖେ। ଆମ ଜନ୍ମ ଓ କର୍ମସ୍ଥଳୀରେ ଋତୁ ଅନୁସାରେ ମିଳୁଥିବା ଫଳ ମୂଳ, ପନିପରିବା ଆମ ଶରୀର ଓ ମନ ପାଇଁ ଉପାଦେୟ। ଭଗବାନ ସମସ୍ତଙ୍କର ଭରଣ ପୋଷଣକର୍ତ୍ତା। ଯେଉଁ ଅଞ୍ଚଳରେ ଯେଉଁ ଋତୁରେ ଯାହା ଖାଦ୍ୟ ପାନୀୟ ସ୍ୱାଭାବିକ ଭାବେ ଉପଲବ୍ଧ ତାହା ସେ ଅଞ୍ଚଳବାସୀଙ୍କ ପାଇଁ ଭଗବାନଙ୍କର ବିଧାନ। ଭଗବାନଙ୍କ ଠାରୁ ବଡ଼ ହିତାକାଂକ୍ଷୀ ଆଉ କେହି ନାହାଁନ୍ତି। ତାଙ୍କ ନିର୍ଦ୍ଦେଶକୁ ବୁଝିବା ଓ ପାଳନ କରିବା ବ୍ୟକ୍ତି ପ୍ରକୃତରେ ସବୁ ଦୃଷ୍ଟିରୁ ସୁସ୍ଥ। ଏକାଦଶୀରେ ଉପବାସ ଶୁଦ୍ଧ ଜଳ, ପାନ, କୁସଙ୍ଗ, ବର୍ଜନକୁ ଅଭ୍ୟାସ ବର୍ଜନ, ନିହାତି ଆବଶ୍ୟକ। କୁସଙ୍ଗ ସବୁଠାରୁ ଭୟଙ୍କର ଓ ସବୁଠାରୁ କ୍ଷତିକାରକ। ଦୁଇଟି ମୁଖ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ଭଗବାନ ଆମକୁ ମାନବ ଶରୀର ପ୍ରଦାନ କରିଛନ୍ତି। ସେ ସବୁ ହେଲେ ଆତ୍ମ କଲ୍ୟାଣ କରି ଏହି ଜନ୍ମରେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ହେବା, ସଂସାରରୁ ପ୍ରାପ୍ତ ଏବଂ ସଂସାର ଦ୍ୱାରା ପରିପୁଷ୍ଟ ଏହି ଶରୀରକୁ ସମ୍ପୂର୍ଣ୍ଣ ଭାବେ ସଂସାର ସେବା ବା ହିତ ସାଧନ ବିନିଯୋଗ କରିବା। ଏହି ଲକ୍ଷ୍ୟ ସାଧନ ଆମର ଶ୍ରେଷ୍ଠ ବ୍ରତ ହେବା ଉଚିତ। ସତ ଆଚାର ବିଚାର ଯୁକ୍ତ ଜୀବନ ସୁସ୍ଥ ଜୀବନ। ଯଜ୍ଞରୁ ଏବଂ ଯଜ୍ଞ କର୍ତ୍ତବ୍ୟ କର୍ମରୁ ନିଷ୍ପନ୍ନ ହୋଇଥାଏ। ତ୍ୟାଗପୂତ ସତକର୍ମ ହେଉଛି ଯଜ୍ଞ। ଆମର ପ୍ରତ୍ୟେକ କର୍ମ ତଥା ଆମର ସମ୍ପୂର୍ଣ୍ଣ ଜୀବନ ଯଜ୍ଞମୟ ହୋଇଯିବା ଦରକାର। ଯଜ୍ଞ ହେଉଛି ସୃଷ୍ଟି ସର୍ଜନାର ମୂଳ, ସୁସ୍ଥ ଶରୀର ଏବଂ ସୁସ୍ଥ ମନର ମୂଳ। ଯଜ୍ଞ ଦ୍ୱାରା ଦେବତାମାନେ ସନ୍ତୁଷ୍ଟ ହୋଇ ଆମର ତୁଷ୍ଟି ଓ ପୁଷ୍ଟି ସାଧନ ପାଇଁ ଆବଶ୍ୟକ ଉପାଦାନ ପ୍ରଦାନ କରିବେ। ଏ ସଂସାରରେ ଆମ୍ଭମାନଙ୍କୁ ଯାହା ପ୍ରାପ୍ତ ହୋଇଛି ତାକୁ କେବଳ ନିଜ ପାଇଁ ବିନିଯୋଗ ନକରି ଅନ୍ୟର କଲ୍ୟାଣରେ ମଧ୍ୟ ଉପଯୋଗ କରିବା ଉଚିତ। ଏହାଦ୍ୱାରା ଶରୀର, ମନ, ଆତ୍ମା ସବୁର କଲ୍ୟାଣ ସାଧନ ହେବ। ଏହା ଅନୁଭବ ଜ୍ଞାନ। ଅଧ୍ୟାତ୍ମ ବିଦ୍ୟା ଶ୍ରେଷ୍ଠ ବିଦ୍ୟା ବୋଲି ଭଗବାନ କହିଛନ୍ତି। ଆଧ୍ୟାତ୍ମିକ ବିଚାର ହେଉଛି ଦେହ ମନର ଉର୍ଦ୍ଧ୍ୱରେ ଅତ୍ୟନ୍ତତ ଉଚ୍ଚତର ବିଜ୍ଞାନ। ଏହା ଆତ୍ମା ସମ୍ବନ୍ଧୀୟ ଜ୍ଞାନ। ଆତ୍ମା ଅଜର ଅମର ଶାଶ୍ୱତ ସନାତନ। ଶରୀର, ମନ, ବୁଦ୍ଧି ଚିତ୍ତ ଆଦି ଜଡ଼ ବସ୍ତୁ। ଥରେ ଆତ୍ମ ଚେତନାରେ ମଜ୍ଜିଗଲେ ଶରୀର ମନର ପୀଡ଼ା ତୁଚ୍ଛ ଓ ମିଥ୍ୟା ବୋଲି ପ୍ରତୟ ହେବ। ତେଣୁ ବେଦାନ୍ତ ଦର୍ଶନ ଅନୁସାରେ ଶରୀର, ମନର ଉର୍ଦ୍ଧ୍ୱକୁ ଯାଇ ବିଚାର କଲେ ରାଗ ଶୋକରେ ଅତୀତ ଆତ୍ମ ଚେତନା ପ୍ରକାଶିତ ହେବ। ଆତ୍ମ ଚେତନାରେ ରୋଗ ଶୋକ ଦୁଃଖ ଆଦି ବିକାରର ସ୍ଥାନ ନାହିଁ। ଭାବନାର ଗଭୀରତାରେ ଏହି ବୋଧ ଦୃଢ଼ ହୋଇଯିବା ଅନୁଭବ ହେବ। ମୁଁ ଏହି ଜଡ଼ ଶରୀର କିମ୍ବା ମନ ନୁହେଁ ମୁଁ ଚିର ଶାଶ୍ୱତ ରୋଗ, ଶୋକ ରହିତ ଅଜର ଅମର ଆତ୍ମା। ଏହି ବିଚାର ସୁସ୍ଥ ଜୀବନର ଶ୍ରେଷ୍ଠ ଅବଲମ୍ବନ। ଏହି ସାଧନା ସମସ୍ତଙ୍କର ଧ୍ୟେୟ ହେଉ। ଆମେ ଅନ୍ତର ଭରି ଉଦ୍ୟମ କଲେ ଏହି ଆତ୍ମିକ ଚେତନାରେ ଉପନୀତ ହୋଇପାରିବା। ଆତ୍ମ ଚେତନାର ରାଜ୍ୟ ହେଉଛି ନିତ୍ୟାନନ୍ଦମୟ ରାଜ୍ୟ।

ହେମନ୍ତ କୁମାର ପରିଡ଼ା, ମାଳତୀକୁଞ୍ଜ, ପ୍ଲଟନଂ୫୨୬/ଡ଼, ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ: ୮୭୬୩୧୦୭୧୨୬/୮୯୧୭୬୭୮୧୫୯

ଆଜିର ଅନୁଚିନ୍ତା

ଭଗବତ୍ ସୃଷ୍ଟ ପଦାର୍ଥକୁ ଦାନ କରି ଦାତା ବୋଲାଇବା ହାସ୍ୟାସ୍ପଦ କଥା ନୁହେଁ କି ?

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଭାରତର ମୁକ୍ତି ସଂଗ୍ରାମ ଓ ଗୋପବନ୍ଧୁ ଚୌଧୁରୀ

ହିମାଂଶୁଶେଖର ଆଚାର୍ଯ୍ୟ

ଭାରତର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମହାନ୍ ବିପ୍ଳବୀ। ସେ ୧୮୯୫ ମସିହା ମେ' ମାସ ୮ ତାରିଖରେ ପିତା ଗୋକୁଳାନନ୍ଦ ଚୌଧୁରୀ ଓ ମାତା ପଦ୍ମାବତୀ ଦେବୀଙ୍କ କୋଳମଣ୍ଡନ କରି କଟକ ସହରରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ହେଲା ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଖେରସ ଗ୍ରାମରେ। ପିତା ଗୋକୁଳାନନ୍ଦ ଚୌଧୁରୀ ଥିଲେ ଜଣେ ପ୍ରତିଷ୍ଠିତ ଆଇନଜୀବୀ, ବିଶିଷ୍ଟ ଜମିଦାର ଓ ଜଣେ ସୁପରିଚିତ ବ୍ୟକ୍ତି। ମାତ୍ର ଏସବୁର ମୋହ ତାଙ୍କୁ ନିଜ ଆଦର୍ଶ ଓ ନୀତିରୁ ପଥଚ୍ୟୁତ କରିପାରି ନ ଥିଲା। ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ ଯେଉଁଠି ସାରା ଦେଶଟାର ସ୍ୱପ୍ନ ଜମାଟବାନ୍ଧି ରହିଥିଲା। ଏହି ପରିବାରର ଉତ୍କଳର ମା' ରମାଦେବୀ, ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ବିପ୍ଳବିଣୀ ମାଳତୀ ଚୌଧୁରୀ, ବିଶିଷ୍ଟ ସର୍ବୋଦୟ ନେତା ମନମୋହନ ଚୌଧୁରୀ ଓ ଅଗ୍ନିକନ୍ୟା ଅନ୍ନପୂର୍ଣ୍ଣା ମହାରଣାଙ୍କୁ ବା ନ ଜାଣେ କିଏ ?

ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର। ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ. ପାଶ୍ କରିଥିଲେ। ପରେ କଲିକତାରେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି କଟକରେ ଡେପୁଟି ମାଜଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ। ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁ ନ ଥିଲା। ଓଡ଼ିଆମାନଙ୍କ ପ୍ରତି ଇଂରେଜମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା। ୧୯୨୦ ମସିହାରେ ଯେତେବେଳେ କଟକ ଓ ଯାଜପୁର ଅଞ୍ଚଳରେ ଭୀଷଣ ନଈବଢ଼ି ହୋଇ ଯେନାପୁର ଭାସିଯାଇଥିଲା ସେତେବେଳେ ସେ ଯାଜପୁରରେ ଡେପୁଟି ମାଜଷ୍ଟ୍ରେଟ ଥାଇ ଯେନାପୁର ଆସିଥିଲେ। ବନ୍ୟାବିଧ୍ୱସ୍ତ ଗ୍ରାମମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କୁ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଅଗ୍ରାହ୍ୟ କରିଦେବାରୁ ସେ ବାଧ୍ୟ ହୋଇ ଚାକିରି ଛାଡି ଦେଇଥିଲେ। ଏପରି ଉଦାହରଣ ସତରେ ବିରଳ। ଏପରିକି ସରକାରୀ ଚାକିରିରେ ଥାଇ ମଧ୍ୟ ସେ କଟକରେ "ଭାରତୀ ମନ୍ଦିର" ନାମକ ଏକ ଲାଇବ୍ରେରୀ ଓ ଆଲୋଚନାଚକ୍ର ପ୍ରତିଷ୍ଠା କରିଥିଲେ। ଯେଉଁଠିକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ଓ ଅନ୍ୟାନ୍ୟ କଲେଜ ଛାତ୍ରମାନେ ନିୟମିତ ଯାଇ ସେଠାକୁ ଆସୁଥିବା ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ର ପାଠକରି ଦେଶର ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସଂପର୍କରେ ଜାଣିପାରୁଥିଲେ।



୧୯୨୧ ମସିହାର କଥା, ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ। ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠଛାଡିଦେଇ ସ୍ୱାଧିନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ସେଥିମଧ୍ୟରୁ 'ଅଳକାଶ୍ରମ' ଥିଲା ଅନ୍ୟତମ। ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଶୁଭଉଦ୍‌ଘାଟିତ ହୋଇଥିଲା। ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବତୋଟାରେ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନ-ସ୍ୱାଧିନତା ସଂଗ୍ରାମର ତୀର୍ଥଭୂମି। ଏଥିପାଇଁ ଜମି ଦାନ କରିଥିଲେ ଚାଟ୍ରା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ। ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ।

ମହାତ୍ମା ଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହର ଡାକରା ଓଡିଶାରେ ମଧ୍ୟ ବ୍ୟାପକ ଜନଜାଗରଣ ସୃଷ୍ଟି କରିଥିଲା। ୧୯୩୦ ମସିହା ମାର୍ଚ୍ଚ ମାସ ୧୬ ତାରିଖରେ ଉତ୍କଳପ୍ରଦେଶ କମିଟିର ବାଲେଶ୍ୱର ଅଧିବେଶନରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଇଞ୍ଚୁଡି ଗ୍ରାମକୁ ସତ୍ୟାଗ୍ରହ ପାଇଁ ମନୋନୀତ କରାଯାଇଥିଲା। ୧୯୩୦ ମସିହା ଏପ୍ରିଲ ୧୩ ତାରିଖରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ୨୧ଜଣ ସତ୍ୟାଗ୍ରହୀ ପ୍ରଥମ ପର୍ଯ୍ୟାୟରେ ୭ଦିନରେ ୧୨୦ ମାଇଲ ଯାତ୍ରାକରି ସେମାନେ ଇଞ୍ଚୁଡିଠାରେ ପହଞ୍ଚି ଲବଣ ଆଇନ ଭଙ୍ଗ କରିଥିଲେ। ଏଥିରେ ମହାନ୍ ସର୍ବୋଦୟ ନେତା ମନମୋହନ ଚୌଧୁରୀ ମାତ୍ର ୧୫ ବର୍ଷ ବୟସରେ ଏହି ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ନିଜ ପିତା ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସହ ମଧ୍ୟ ଗିରଫ ହୋଇଥିଲେ। ଏହି ସତ୍ୟାଗ୍ରହ କ୍ରମେ ତୀବ୍ର ଆକାର ଧାରଣ କରିଥିଲା ଓ ବିଭିନ୍ନ ସ୍ଥାନରେ ମରାଯାଇଥିବା ଲୁଣ "ଗାନ୍ଧୀ ଲୁଣ" ନାମରେ ପରିଚିତ ଥିଲା।

୧୯୩୪ ମସିହାରେ ଗୋପବନ୍ଧୁ ଚୌଧୁରୀ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା "ମାନବ ସେବା-ମାଧବ ସେବା"ର ଯଜ୍ଞବେଦୀ ବହୁଚର୍ଚ୍ଚିତ ବରୀ ଆଶ୍ରମ। ଗ୍ରାମ ସଫେଇ, ନିଶା ନିବାରଣ, ପୌଢଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ। କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ନହେଲେ ସଂପୂର୍ଣ୍ଣ ସ୍ୱରାଜ ଆସିପାରିବ ନାହିଁ। ଏହି ଗଠନମୂଳକ କାର୍ଯ୍ୟରେ ତାଙ୍କର ଏକମାତ୍ର ପୁତ୍ର ମନମୋହନ, ପତ୍ନୀ ରମାଦେବୀ ଓ ଝିଅ ଅନ୍ନପୂର୍ଣ୍ଣା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଗୋପବନ୍ଧୁ ଚୌଧୁରୀ ପ୍ରତ୍ୟକ୍ଷ ରାଜନୀତିରେ ରହିବାକୁ ପସନ୍ଦ କରୁ ନ ଥିଲେ। ତାଙ୍କର ଏହି ସେବା କାର୍ଯ୍ୟଦ୍ୱାରା ସ୍ୱରାଜ ଚେତନା ଓ ଦେଶପ୍ରେମ ଭାବ ଉଦ୍ରେକ ହେଉଥିଲା, ସେଥିପାଇଁ ସେ ଇଂରେଜ ସରକାରଙ୍କ ରୋଷର ଶିକାର ହୋଇଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସେ କାରାବରଣ ମଧ୍ୟ କରିଥିଲେ।

୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା। ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ

ନିରୀହ ପ୍ରତିଶୋଧ

ଶ୍ରୁତକୀର୍ତ୍ତି ତ୍ରିପାଠୀ

କାଲି ନିର୍ବାଚନ । ଆଜି ଦିନଟା ଯାହା, ସବୁ ଦଳଙ୍କ ପ୍ରଚାର ଆଉ ଘୋ ଘା । ପ୍ରତ୍ୟେକ ଦଳ ପାରୁପର୍ଯ୍ୟନ୍ତ ଅନ୍ୟ ଦଳର କୁତ୍ସାରଟନା କରି ନିଜକୁ ସର୍ବୋତ୍ତମ ବୋଲି ପ୍ରମାଣ କରିବାରେ ବ୍ୟସ୍ତ କ୍ଷ ଭଳି କି ଭଳି ପ୍ରତିଶ୍ରୁତି ଏବଂ ଯୋଜନାର ଲୋଭ ଦେଖାଇ ନିରୀହ, ସରଳ ଲୋକଙ୍କୁ ଠକି ଦେବାପାଇଁ ସବୁଦଳ ଆଗଭର । ସହରତଳି ବସ୍ତି ଯେଉଁଠି କାଁ ଭାଁ ଗୋଟିଏ ଗାଡି ଦେଖିବାକୁ ମିଳେ, ଏଇ କେତେଦିନ ହେଲା ସେଇଠି ସାନ ବଡ଼ ସବୁ ପ୍ରକାର ପ୍ରଚାର ଗାଡିଙ୍କର ଯେମିତି ପଟୁଆର ଲାଗି ରହିଛି । ନିର୍ଜୀବ ଗାଡ଼ିଗୁଡିକ ମେଞ୍ଚା ମେଞ୍ଚା ଧୂଆଁ ଛାଡିଯାଉଛନ୍ତି, ଯେଉଁଥିରେ ସରଳ ବସ୍ତିବାସୀ ନିଜ ଆଗାମୀ ଭବିଷ୍ୟତ ଦେଖିବାକୁ ଚେଷ୍ଟା କରୁଛନ୍ତି । ଅପ୍ରତ୍ୟାଶିତ ଭାବରେ ବସ୍ତିବାସୀଙ୍କ ଗୁରୁତ୍ୱ ବଢିଯାଇଛି । ଅନ୍ୟ ସମୟରେ ଗୁରୁତ୍ୱହୀନ, ଅବାଞ୍ଛିତ, ଲାଞ୍ଛିତ ପ୍ରାଣୀମାନେ ହଠାତ୍ ସାମୟିକ ଭାବରେ ଅତ୍ୟାବଶ୍ୟକୀୟ ହୋଇ ପଡିଛନ୍ତି । ଲଙ୍ଗଳା, ଭୋକିଲା ଛୁଆଗୁଡାକ ଖୁସିରେ ଗାଡି ପଛରେ ଦଉଡି ଦଉଡି ବଣ୍ଟାଯାଉଥିବା ନେଲି, ଧଳା, ନାରଙ୍ଗୀ କାଗଜ ଗୁଡିକ ଗୋଟେଇ ଖେଳିବାର ମଜା ହାତଛଡା କରୁନାହାନ୍ତି କ୍ଷ ହେଲେ ନିରକ୍ଷର ଓ ଅଜ୍ଞାନ ବସ୍ତିବାସୀଙ୍କ ଗୋଟିଏ ଚିନ୍ତା, କାହାକୁ ଦେବେ ଭୋଟ ? ସମସ୍ତେ ତ ଭଲ ଭଲ କଥା କହୁଛନ୍ତି; ନାନା ସୁଯୋଗ ସୁବିଧା ଯୋଗେଇଦେବେ ଆଉ ବଦଳରେ କେବଳ ଆମର ଭୋଟ ଛଡା ସେମାନଙ୍କୁ ଆଉ କିଛି ଲୋଡ଼ା ନାହିଁ ବୋଲି ବିନମ୍ର ଅନୁରୋଧ କରୁଛନ୍ତି ।

ରାତି ବାରଟା ପରେ ଗୋଟିଏ ଦଳର ଭ୍ୟାନ ଆସି ବସ୍ତି ଭିତରେ ପହଞ୍ଚିଲା ଫ ନିର୍ବାଚନ ଜିତିଲେ ବିନା ମୂଲ୍ୟରେ ଚାଉଳ ଯୋଗେଇଦେବା, କୃଷକଙ୍କ ଋଣ ମାଫ୍ କରିବା ଭଳି ପ୍ରତିଶ୍ରୁତି ଦେଇ ଜଣକୁ ପାଞ୍ଚ ଶହ ଲେଖାଏଁ ହାତରେ ଧରେଇଦେଇ ଚାଲିଗଲେ ସେଇ ଭ୍ୟାନ୍ ରେ ସବାର କର୍ମୀ ଦଳ ଫ କିଛି ସମୟ ପରେ ଆଉ ଗୋଟିଏ ଟ୍ରକ ଆସି ଲାଗିଲା କ୍ଷ କର୍ମୀ ମାନେ ହାତରେ ଖାଇବା ପୁଡିଆ, କିଛି ବୋତଲ ଓ ଟଙ୍କା ବଣ୍ଡଲ ନେଇ ଅନ୍ଧକାର ଭିତରେ ବି ଆରାମରେ ଲୋକଙ୍କୁ ବାଣ୍ଟିଚାଲିଲେ ନିଜ ସହିତ ଆଣିଥିବା ଅଯାଚିତ ଉପହାର ସବୁ ।

ଭୋର ହେବାକୁ ଅଳ୍ପ ସମୟ ବାକିଥିଲା। ଆସି ପହଞ୍ଚିଲେ ଶେଷ ଦଳ । ନିଜର ସୁନ୍ଦର ଭାଷଣରେ ଲୋକଙ୍କ ଆଗରେ ବାଢ଼ିଦେଲେ ଅନେକ ଯୋଜନାର ତାଲିକା । ଯେମିତି କି ସମସ୍ତଙ୍କ ପାଇଁ ଶୌଚାଳୟ ତିଆରି ହେବ, ବସ୍ତିପିଲାଙ୍କ ପାଇଁ ସ୍କୁଲ ତିଆରି କରିବେ । ବିଜୁଳି ଓ ପାଣିର ଅଭାବ ବସ୍ତିରେ ଆଉ ରହିବ ନାହିଁ କ୍ଷ ପ୍ରତ୍ୟେକ ପରିବାରର ଜଣେ ବ୍ୟକ୍ତିଙ୍କୁ ରୋଜଗାର ଯୋଗେଇ ଦିଆଯିବ । ବସ୍ତିବାସୀ ଶୁଣି ଖୁସି ହୋଇଗଲେ । ସେମାନେ ଗଲାପରେ ନିଜ ନିଜ ଭିତରେ କଥା ହେଲେ,'କାଇଁ ଏମାନେ ତ କିଛି ଟଙ୍କା କି କିଛି ଖାଇବା ଜିନଷ ଦେଲେନି ? ' ଏବେ ସେମାନଙ୍କୁ ବିଚାର କରିବାକୁ ହେବ, ଯେ ସେମାନେ କାହାକୁ ଭୋଟ ଦେବେ ?

ଭୋର ହୋଇଯାଇଥିଲା, ଯେ ଯାହା କାମରେ ଯିବାକୁ ବାହାରିଲା ବେଳକୁ ମନୁଆ ଯିଏ କି ଗତ ରାତିଠାରୁ ସମସ୍ତ ଦଳର କାର୍ଯ୍ୟକଳାପ ଦେଖିଆସୁଥିଲା, ଲୋକଙ୍କୁ ଏକଜୁଟ କଲା । ବସ୍ତିବାସିନ୍ଦାଙ୍କ ଆଖି ଖୋଲିବା ପାଇଁ କହିଲା - 'ଦେଖିଲେ ତ ଏ ନେତାଙ୍କର ନିର୍ବାଚନ ଭେଳିକି ? ସବୁ ମିଛ ପ୍ରତିଶ୍ରୁତି । ସେମାନେ ଭୋଟ ମାଗିବାକୁ ଆସୁନାହାନ୍ତି, ଆସୁଛନ୍ତି ଭୋଟ କିଣିବାକୁ କ୍ଷ ଭାଇମାନେ ଭୋଟ ପ୍ରଚାର ମାନେ କ'ଣ ?, ଗୋଟିଏ ଦଳ ନିଜ କଥା ଜନତାଙ୍କ ଆଗରେ ରଖିବ, ଜନତା ସେସବୁକୁ ଉଚିତ ମନେକଲେ ସେ ଦଳକୁ ଭୋଟ ଦେବେ କ୍ଷ କିନ୍ତୁ ଏଠି ତ ସେମାନେ ଟଙ୍କା, ଖାଇବା, ପିଇବା ଦେଇ ଲୋକଙ୍କୁ ମତେଇବାରେ ଲାଗିଛନ୍ତି । ପ୍ରମାଣ କରିଦେଇଛନ୍ତି ଯେ ସେମାନେ ଏମିତି ନେତା ଯିଏ ରାଜନୀତି ଛଡା ଆଉ କିଛି ଜାଣନ୍ତି ନାହିଁ। ପଇସା ଖର୍ଚ୍ଚ କରିବା, କ୍ଷମତା ର ଦୁରୁପଯୋଗ, ମିଛ ପ୍ରତିଶ୍ରୁତି ଏଇତ ସେମାନଙ୍କ ସଂସ୍କୃତି ! ମଣିଷଙ୍କ ନିରୀହ ମନ ସହିତ କୁତ୍ସିତ ରାଜନୀତିର ଖେଳ ଖେଳିବାକୁ ଏମାନଙ୍କ ମନରେ ଜମା ଦ୍ୱିଧା ନ ଥାଏ । ଜନତାଙ୍କୁ ପ୍ରଭାବିତ କରିବା ପାଇଁ ତାଙ୍କ ପାଖରେ ଆୟୁଧ କେବଳ ଟଙ୍କା ଓ ମଦର ପ୍ରଲୋଭନ ।

ସେମାନଙ୍କ ଠାରୁ ପ୍ରତିଶୋଧ ନେବାର ସମୟ ଆସିଛି । ସବୁଥର ସେମାନେ ଆମକୁ ଠକି ନିର୍ବାଚନ ଜିତିଯାଉଛନ୍ତି କ୍ଷ ଆଉ ତା ପରେ ପାଣି ଫୋଟକା ଭଳି ସବୁ ଯୋଜନା, ପ୍ରତିଶ୍ରୁତି ଅଦୃଶ୍ୟ ହୋଇଯାଉଛି । ଏଥର ଆମେମାନେ ତାଙ୍କରି ନିୟମ ତାଙ୍କରି ପାଖରେ ପ୍ରୟୋଗ କରିବା । ସବୁଦଳ ଠାରୁ ଟଙ୍କା ନେଲେ ମଧ୍ୟ ଆମକୁ ଯାହାକୁ ଭଲ ଲାଗିବ ତାକୁ ହିଁ ଭୋଟ ଦେବା କ୍ଷ ଜନତା ଜାଣିସାରିଥିଲେ, ଯେଉଁ ଟଙ୍କା ପବନରେ ଉଡେ, ଖୁବ ସହଜରେ ବିନା ପରିଶ୍ରମରେ ମିଳିଯାଏ ସେ ଟଙ୍କା ମାନବିକ ନୁହେଁ; ସେ ଟଙ୍କା ଆସୁରିକ କ୍ଷ ସେ ଟଙ୍କା କ୍ଷଣିକ ସୁଖ ସିନା ଦେଇପାରେ, କିନ୍ତୁ ଜୀବନରେ ଆଣିଦିଏ ଲୋଭ, ଅଶାନ୍ତି ଏବଂ ପଥଭ୍ରଷ୍ଟ ହେବାର ସବୁ ସମ୍ଭବନା ! ମନୁଆର କଥାଟା ସମସ୍ତଙ୍କ ମନକୁ ପାଇଲା । ଯଥା ସମୟରେ ସମସ୍ତେ ମତଦାନ କେନ୍ଦ୍ରକୁ ଗଲେ । ଗତରାତି ବସ୍ତିରେ ଅନ୍ଧାରି ବିଜେ କରିଥିବା ଶାସକ ଦଳର କିଛି ନେତା ଉପସ୍ଥିତ ଥା'ନ୍ତି ସେମାନଙ୍କୁ ପୁଣିଥରେ ମନେପକେଇଦେବା ପାଇଁ କେଉଁ ଚିହ୍ନରେ ଭୋଟ ଦେବେ । ଆଶାୟୀ ଶାସକ ମାନେ ସେମାନଙ୍କ ଚତୁର କୋକିଶିଆଳି ଦଳଙ୍କୁ ଏମାନଙ୍କ ଉପରେ ନଜର ରଖିବା ପାଇଁ ପଠେଇବା କଥା ସ୍ପଷ୍ଟ ଦୃଶ୍ୟମାନ ହଉଥିଲା । ମନୁଆ କଥାକୁ ମନେପକେଇ ସବୁଦଳକୁ 'ହଁ' ମାରି ଯେ ଯାହାର ଭୋଟିଂ ବୁଥ୍ ରେ ପ୍ରବେଶ କଲେ କ୍ଷ ସୁରୁଖୁରୁରେ ମତଦାନ ପର୍ବଟି ଶେଷ ହେଲା । ଟଙ୍କା ବାଣ୍ଟିଥିବା ଦଳ ସର୍ବାଧିକ ଭୋଟ ପାଇ ବିଜୟୀ ହେବା ଆଶାରେ ଛାତି ଚଉଡା କରି ବୁଲିଲେ।

ନିର୍ଦ୍ଧାରିତ ଦିନ ଭୋଟ ଫଳାଫଳ ଘୋଷିତ ହେଲା । ସମସ୍ତଙ୍କୁ ଚମତ୍କୃତ କରି କିଛି ଟଙ୍କା ବାଣ୍ଟି ନ ଥିବା ଦଳ ବିପୁଳ ପରିମାଣରେ ଭୋଟ ପାଇ ଜୟଲାଭ କରିଥିଲା । ବାକି ଦୁଇଦଳର ପତାକା ଓ ବ୍ୟାନର ଗୁଡିକ ଯେମିତି ଦଳୀୟ ନେତା ଓ କର୍ମଚାରୀ ମାନଙ୍କୁ ଖତେଇ ହୋଇ ହସୁଥିଲେ ।

ସେପଟେ ବସ୍ତିବାସୀ ବାକି ଦୁଇ ଦଳଙ୍କ ଠାରୁ ପାଇଥିବା ଟଙ୍କାରେ ଏକ ଭୋଜିର ଆୟୋଜନ କରିଥିଲେ । ଭୋଜିଭାତ, ନାଚଗୀତ ଆସରରେ ପୁରା ବସ୍ତିଟା କମ୍ପିଯାଉଥାଏ । ବୋଧହୁଏ ଏହାହିଁ ଥିଲା ନିରକ୍ଷର, ଅଜ୍ଞାନ ବସ୍ତିବାସିନ୍ଦାଙ୍କର ବିପକ୍ଷ ଦଳ ପ୍ରତି ନିରୀହ ପ୍ରତିଶୋଧ !!

ଫୋନ -
୬୩୭୦୫୧୬୪୭୮
ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର

ଭାଇରାଲ୍



ସୁଦର୍ଶନ ମହାପାତ୍ର

ଶ୍ରବଣ ବସିଥିଲା ତା ଘର ସାମ୍ନାରେ ଥିବା ମୁଣ୍ଡିଆ ଉପରେ। ଆଖି ଆଗରେ ନାଚି ଯାଉଥିଲା ସେଇ ଦୃଶ୍ୟ। ସେଦିନ ତା' ବାପା ଏଇ ଜାଗାରେ ବସିଥିଲା। କାହାରି କଥାରେ କୌଣସି ଜବାବ ଦେଉ ନଥିଲା। ପରଦିନ ବଡି ସକାଳୁ ସୁରଟ ଯାଉଥିବା ଟ୍ରେନରେ କୌଣସି ମତେ ପାଦ ରଖିଥିଲା ।କରୋନା ସମୟରେ ଫେରି ଗାଁ ମାଟି ଆଉ ଛାଡିବିନି ବୋଲି କରିଥିବା ଶପଥ ଭାଙ୍ଗି ଆଉଥରେ ଦାଦନ ଖଟିବାକୁ ବାହାରି ଯାଇଥିଲା ପରିବାର ପୋଷଣ ଦାୟରେ। ଖଣ୍ଡିଆ ଖାବରା କାଦୁଅ ଲେସା ଘରର ଅବସ୍ଥା ସେମିତି ରହିଗଲା। ଆବାସ ଟଙ୍କା ମିଳିଲେ ଇଟା ସିମେଣ୍ଟର ଘରଟିଏ କରି ପାରିବାର ସ୍ୱପ୍ନ ସେମାନଙ୍କର ଭାଙ୍ଗି ଯାଇଥିଲା। ଆଜକୁ ଦୁଇ ବର୍ଷ ହେଲା ସେ ତା' ବାପାକୁ ଦେଖିନି। ଅବଶ୍ୟ କିଛି କିଛି ଟଙ୍କା ତା ଠାରୁ ପାଇ କୌଣସି ମତେ ଚଳି ଯାଇଛନ୍ତି ସେମାନେ । ଏଇ ଦୁଇ ବର୍ଷ ଭିତରେ ସେ ତା'ର ଚିର ଇପ୍ସିତ ଭୋଟ ଦେବା ଅଧିକାର ବୟସରେ ମଧ୍ୟ ପହଞ୍ଚି ଯାଇଛି। ଏଥିର ନିର୍ବାଚନରେ ସେ ଭୋଟ ଦେଇ ପାରିବ। ଦାଦା ହିସାବରେ ଜଣେ ଚିହ୍ନେଇ ଦେଇଥିଲେ ଏଥରର ସରପଞ୍ଚ ପ୍ରାର୍ଥୀ ଆଉ ତାଙ୍କ ଚିହ୍ନକୁ।ଆଗଥର ବି ସେ ସରପଞ୍ଚ ଥିଲେ। ତାଙ୍କରି ଦଳର ଶାସନ ଚାଲିଛି ଏବେ।ତାଙ୍କ ହସହସ ମୁହଁ ଦେଖି ଶ୍ରବଣ ଭରସା କରି ନିଜ ଦୁଃଖ ଜଣେଇଲା। ଏଇଥର ଜିତିଗଲେ ତାଙ୍କ ଭଙ୍ଗା ଘର ନୂଆ ରୂପ ନେବ ବୋଲି ସେ ପ୍ରତିଶ୍ରୁତି ଦେଲେ।ଭୋଟ ପୂର୍ବଦିନ ରାତିରେ ସେଇ ଦାଦା ଆଣି ଶ୍ରବଣ ହାତରେ ହଜାର ଟଙ୍କା ଗୁଞ୍ଜି ଦେଲେ ଆଉ ବୁଝେଇ ଦେଇଥିଲେ ଯେ ସରପଞ୍ଚ ବାବୁ ଭାରି ଦୟାଳୁ।ତାଙ୍କ ଘରର ଅବସ୍ଥା ଜାଣି ଏ ଟଙ୍କା ପଠେଇଛନ୍ତି। କାହାକୁ ଏକଥା ନକହିବାକୁ ତାଗିଦ୍ କରି କହି ନିର୍ବାଚନ ପରେ ତୁମର ସବୁକଥା ବୁଝିବେ ବୋଲି ଆଶ୍ୱାସନା ମଧ୍ୟ ଦେଲେ। ଶ୍ରବଣ ମାଆକୁ ବୁଝେଇ କହିଲା ସବୁ କଥା। ହେଲେ ମାଆ କିଛି ଉତ୍ତର ଫେରାଇଲା ନାହିଁ। ଭୋଟ ଫଳାଫଳକୁ ଆତୁର ହୋଇ ଚାହିଁ ରହିଥିଲା ଶ୍ରବଣ। ସେଇ ସରପଞ୍ଚ ଆଉଥରେ ଜିତିଛନ୍ତି ଜାଣି ଖୁସିରେ ଯେମିତି ସେ ନାଚି ଉଠିଲା। ଦୁଇ ଦିନ ପରେ ଦାଦାଙ୍କୁ ମନେ ପକେଇ ଦେଲା ତାଙ୍କ ଆବାସ ଟଙ୍କା କଥା। ପ୍ରାୟ ମାସକ ପର୍ଯ୍ୟନ୍ତ ଶ୍ରବଣ ଗୁହାରିରେ ଅତିଷ୍ଠ ହୋଇ ଦାଦା ସରପଞ୍ଚଙ୍କ ସହିତ ଭେଟ କରାଇଦେଲେ। ସରପଞ୍ଚଙ୍କ ମୁହଁରେ ହସ ଟିକେ ଦୂରେ ଥାଉ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ଶ୍ରବଣ ମୁହଁକୁ। ଦାଦା ଫୁସଫୁସ ଶବ୍ଦରେ କ'ଣ ସବୁ ତାଙ୍କ କାନ ପାଖରେ କହିଲେ କେଜାଣି ସେ -'ହଉ ଦେଖିବା' କହି ଦାଦାଙ୍କ ଆଡକୁ ଚାହିଁ ମୁରୁକି ହସିଲେ। ବାହାରକୁ ଆସି ,ପାଞ୍ଚ ହଜାର ଟଙ୍କା ଯୋଗାଡ କରି ସରପଞ୍ଚ ଆଜ୍ଞା ଙ୍କୁ ଦେଲେ ସେ ପୁରା ଆବାସ ଟଙ୍କାର ବନ୍ଦୋବସ୍ତ କରିବେ ବୋଲି କହିଲେ ଦାଦା ।

ଶ୍ରବଣ ଥ କରି ବସି ପଡିଲା ସରପଞ୍ଚ ଙ୍କ ଘର ଆଗ ଝଙ୍କା ବରଗଛ ମୂଳେ। ତାକୁ ଆଉ କିଛି ବୁଦ୍ଧି ବାଟ ଦିଶୁନଥିଲା। ଆଖିରେ ଆଖିଏ ଲୁହ ନେଇ ଦାଦାଙ୍କ ହାତକୁ ଧରି ପକେଇଲା ।ପାଟି ଖୋଲି ଆଉ କିଛି କହିବା ଅବସ୍ଥାରେ ସେ ନଥିଲା। -' ମୁଁ ଜାଣେ ତୁମ ଘର ଅବସ୍ଥା। କିଛି ନହେଲେ ତୋ ମାଆ ପାଳିଥିବା ଖାସି ରୁ ଦୁଇଟା ନେଇ ଆ। ପାର୍ଟି ଲୋକେ ଭୋଜି ଖାଇବେ।ତୁ ବି ଭୋଜିକୁ ଆସିବୁ।ଦେଖିବୁ ତୋ କାମ ଆପେ ହୋଇଯିବ' ! ତା ପିଠି ଥାପୁଡେଇ କହିଲେ ଦାଦା। ଶ୍ରବଣ ଆଖିରେ ଅବିଶ୍ୱାସର ଧୂଆଁ ବିସ୍ତରି ଯାଉଥିଲା। ଦାଦାଙ୍କୁ ନକହି ,ଦିନେ ସେ ପହଞ୍ଚିଗଲା ସରପଞ୍ଚ ଙ୍କ ଘରେ ।ମର୍ଣ୍ଣିଂ ୱାକ ରୁ ଫେରି ସରପଞ୍ଚଙ୍କ ନଜର ପଡିଲା ଶ୍ରବଣ ଉପରେ। ଏଥର ତାକୁ ଚିହ୍ନି ପାରିଲେ ସେ। ଶ୍ରବଣ ହାତଯୋଡି ନମସ୍କାର କଲା ଏବଂ ସେଇ ମୁଦ୍ରାରେ ମୁହଁ ତଳକୁ ପୋତି ଠିଆ ହୋଇ ରହିଲା। -' ଆରେ ବାବୁ ! ମୋ ଠି କିଛି କଥା ନାହିଁ।ତୋ ପାଇଁ ତୋ ଦାଦା ଏତେ ଦଉଡା ଦଉଡି କରୁଛି।ତା କଥା ହେଲେ ବୁଝ୍ ' - ଅଳ୍ପ ହସି କହିଲେ ସରପଞ୍ଚ ବାବୁ।ଏଥର ପକେଟରୁ ହଜାର ଟଙ୍କା ବାହାର କରି ସରପଞ୍ଚ ଙ୍କ ଆଡକୁ ବଢେଇ ଦେଇ କହିଲା -' ଏଇ ନିଅନ୍ତୁ ସେଇ ଟଙ୍କା ଯେଉଁଟା ନିର୍ବାଚନ ପୂର୍ବ ରାତିରେ ଦାଦାଙ୍କ ହାତରେ ପଠଇଥିଲେ ଆପଣ। ଏଇଟାକୁ ତାଙ୍କୁ ଦେଇଦେବେ' । ହଠାତ୍ ସରପଞ୍ଚଙ୍କ ହାତର ଚାପୁଡା ବସିଥିଲା ଶ୍ରବଣ ଗାଲରେ। ସରପଞ୍ଚ ଙ୍କୁ ଦେଖା କରିବାକୁ ଆସିଥିବା ଲୋକମାନେ ତଟସ୍ଥ ହୋଇ ଚାହିଁଥିଲେ ତାକୁ। ସେ ସେଇଠୁ ଫେରି ଆସିଲା ସବୁ ଦୁଃଖ ଅପମାନକୁ ସହି।

ଶ୍ରବଣର ପୁଣି ମନେ ପଡିଲା ତା ବାପା କଥା। ଖାସି ଚରେଇଲା ବେଳେ ଗୋଟିଏ କେଉଁଠି ହଜିଗଲା ବୋଲି ନିଜ ତରଫରୁ ସଫେଇ ଦେଇ ଗୁମ୍ ହୋଇ ବସି ରହିଲା ଦିନେ।ତା'ପରଠୁ ତିନି ଦିନ ପର୍ଯ୍ୟନ୍ତ କାମକୁ ନଯାଇ ସରପଞ୍ଚଙ୍କ ପାଖକୁ ଟିଡିଥିଲା ତା ବାପା। ଏକଥା ମା ଜାଣି ବି କିଛି ପଚାରି ନଥିଲା। ସବୁକଥା ଯେମିତି ହୃଦୟଙ୍ଗମ କରିପାରୁଥିଲା ଶ୍ରବଣ। ଏତିକି ବେଳକୁ ମନେ ପଡିଲା ଆଜି ତାଙ୍କ ଗାଁ ମନ୍ଦିର ପ୍ରତିଷ୍ଠା ଦିବସ।

ଆଜି ମନ୍ଦିର ପ୍ରତିଷ୍ଠାକୁ ଏମ୍ ଏଲ୍ ଏ ଆସିବେ ବୋଲି ଖବର ପାଇଲା ଶ୍ରବଣ।ସରପଞ୍ଚ ବାବୁ ତ ନିଶ୍ଚୟ ଆସିବେ। ମୁଣ୍ଡିଆ ଉପରୁ ଉଠି ସେ ଗଲା ମନ୍ଦିର ପାଖକୁ। ଏମ୍ ଏଲ୍ ଏ ଙ୍କ ପାଖରେ ବସିଥିବା ସରପଞ୍ଚ ବାବୁ ଙ୍କ ହସହସ ମୁହଁ ଦିଶୁଥିଲା ଦୂରରୁ। ଶ୍ରବଣର ବାମ ହାତରେ ଥିଲା ଦୁଇଟି ଖାସିଙ୍କ ବେକର ପଘା ଆଉ ଡାହାଣ ହାତରେ ସେଇ ଦୁଇଟି ପାଞ୍ଚଶହ ଟଙ୍କା। କେହି କିଛି ବୁଝିବା ପୂର୍ବରୁ ସରପଞ୍ଚଙ୍କ ପକେଟରେ ସେ ରଖିଲା ଟଙ୍କା ଆଉ ସରପଞ୍ଚ ବସିଥିବା ଚେୟାର ଗୋଡରେ ବାନ୍ଧିଦେଲା ଦୁଇଟି ଖାସିଙ୍କୁ।-' ଆଜ୍ଞା , ହଜାର ଟଙ୍କା ଦେଲି ଆପଣଙ୍କ ଚେଲାଙ୍କ ପାଇଁ ଆଉ ଖାସି ଦୁଇଟି ଆପଣଙ୍କ ପାଇଁ। ଏଥିର ଆମ ଆବାସ ଟଙ୍କା ମିଳିବ ତ ! ଆଉ ଏଇ ନିଅନ୍ତୁ ଅବଶିଷ୍ଟ ପାଉଣା' । କଥା ନସରୁଣୁ ସରପଞ୍ଚ ଙ୍କ ଗାଲରେ ବସିଥିଲା ଶ୍ରବଣର ବ୍ରହ୍ମ ଚାପୁଡା। ସମସ୍ତେ ତଟସ୍ଥ ହୋଇ ଚାହିଁଥିଲେ ସେଇ ଦୃଶ୍ୟ ଆଡକୁ।

ସେଦିନ ୟୁ ଟ୍ୟୁବ୍ ଆପରେ ଘଟଣାଟିକୁ ଉପଭୋଗ କରିଥିଲେ ଲକ୍ଷାଧିକ ଲୋକ। ସେଦିନର ସରପଞ୍ଚଙ୍କ ଚାପୁଡା ଆଉ ଆଜି ଶ୍ରବଣ ହାତର ଚାପୁଡାର ଦୃଶ୍ୟକୁ ଖୁବ୍ କମେଣ୍ଟ ମିଳିଥିଲା। ଏଇ ଭାଇରାଲ ଦୃଶ୍ୟ ପାଇଁ ୟୁ ଟ୍ୟୁବ୍ ଜରିଆରେ କେଇ ଲକ୍ଷ ଟଙ୍କାର ମାଲିକ ହୋଇ ଯାଇଥିଲା ଶ୍ରବଣ। କହିବା ବାହୁଲ୍ୟ ଶ୍ରବଣ ଏବେ ପୁରା ପରିବାର ସହ ଖୁସିରେ ଅଛି ଏବଂ ଆଗାମୀ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହେବ ବୋଲି ନିଜକୁ ପ୍ରସ୍ତୁତ କରୁଛି।

କୁଞ୍ଜବିହାରୀ ଲେନ, କଟକ

ଶିକ୍ଷା

ଅନସୂୟା ମହାପାତ୍ର

ଶିକ୍ଷା-
ଜୀବନରେ ମେଘର ମହ୍ଲାର ତୋଳେ
ସରଜେ ପୁଣି ନବ କିସଳୟ
ଜ୍ଞାନର ମନ୍ଦାକିନୀ ଢାଳି
ରଚିଦିଏ ଅଙ୍ଗେ ପୁଣି ଉନ୍ମାଦନା
ଆଉ ମନ ପ୍ରାଣେ ଉନ୍ମୁକ୍ତ ଚେତନା
ଯାଦୁକାରୀ କାଉଁରୀ ପରଶେ ତାର
ଫିଟିଯାଏ ଏକ ଏକ ରାହା
ଯୋଗହୁଏ ନୂଆ ସମ୍ଭାବନା
ଚରାଚର ବିଶ୍ୱପାଇଁ ସଚଳଭାବନା।।
ଶିକ୍ଷା-
ବିଶ୍ୱକରେ ମଧୁମୟ
ଭେଟିଦିଏ ସବୁ ଯୁଗେ ଏ ଧରାକୁ
ଯେତେ ଯେତେ ସମ୍ଭାବ୍ୟ ଉପାୟ
ଅମୃତ ତା ସମ୍ପ ?ହିନୀ ବେଣୁ
ଶ୍ରବଣରେ ପଡିଗଲେ ଥରେ
ପଙ୍ଗୁ ପୁଣି ଲଙ୍ଘିଦିଏ ଗିରି
ମୂକ ହୁଏ ସତତ ବାଚାଳ
ବାମନଟି ଛୁଇଁ ଦିଏ
ନିମିଷକେ ପୂର୍ଣ୍ଣମୀର ଉଜ୍ଜ୍ୱଳ ଜହ୍ନକୁ।
ଶିକ୍ଷା-
ଶେଷ କରେ ଅଜ୍ଞାନର ଘୋଷ ଯାତ୍ରା
ନବଯୁଗ ବଡଦାଣ୍ଡ ପରେ
ବୈରାଗ୍ୟର ସୂର୍ଯ୍ୟ ଉଦୟରେ
କଟିଯାଏ ମୋହ-ମାୟା
କାମନା ବାସନାର ଛାୟା।।।
ଶିକ୍ଷା-
ଜ୍ଞାନର ସେହି ଶବ୍ଦ-ବ୍ରହ୍ମ ସୂରେ
ଝରିଯାଏ ଚଉଦିଗେ ଆହ୍ୱାନର ଧାରା
ସା ବିଦ୍ୟା ଯା ବିମୁକ୍ତୟେ
ନଶ୍ୱର ଏ ବିଶ୍ୱ ରଙ୍ଗମଞ୍ଚଟିରୁ
ଘେନିଯାଏ ମୁକ୍ତ କରି ମୁକ୍ତିଧାମେ
ଜୀବନ୍ମୁକ୍ତି ଲଭିଥାଏ ନର
ଡୁବଦେଇ ପବିତ୍ର ସେ ଜ୍ଞାନ ତ୍ରିବେଣୀ
ରୋ।

ଯାଜପୁର

ବୟସ

ନିରଞ୍ଜନ ସାହୁ

ବୟସ ନୁହଁଇ ଅୟସ ପାଇଁ ଲୋ
ବୟସ କରମ ଲାଗି
ଯେଉଁ ବୟସରେ ଯେ କର୍ମ ଉଚିତ
ସେ କର୍ମରେ ହୁଅ ଭାଗୀ ।
ଶୈଶବ କାଳରେ ମାତୃ କୋଳରେ
ଦିନ କାଟିବାକୁ ହେବ
କୈଶୋର ବୟସେ ପିଲାଳିଆମୀରେ
ଦିନକୁ କଟାଇ ନେବ ।
ବାଲ୍ୟ ଚାପଳାମି ସହିତରେ ହେବ
ବିଦ୍ୟା ଶିକ୍ଷାର ଆରମ୍ଭ
ଚାହୁଁଚାହୁଁ ଏହି କୈଶୋର କାଳରେ
ନୂଆ ନୂଆ ଦେଖ ଦମ୍ଭ ।
ଆଦ୍ୟ ଯୌବନର ପରଶ ଆସିଲେ
ମନରେ ଲାଗଇ ରଙ୍ଗ
ଶିକ୍ଷାଲାଭ ଅର୍ଥ ? ମନ ନିବେଶିବ
ନ ଦେଖାଇ ଅନ୍ୟ ଢଙ୍ଗ ।
ଯୌବନ କାଳରେ ସଂସାର ବାନ୍ଧିବ
କରିବ ଉପାରଜନ
ପିଲା ପରିବାର ପ୍ରତି ଧ୍ୟାନ ଦେବ
ନିର୍ମଳ ରଖିବ ମନ ।
ବୟସର ଅପରାହ୍ନ ଆସିଗଲେ
କ୍ରମେ ବଳ ଯିବ ହଟି
ସମସ୍ତଙ୍କ ମନ ନେଇକି ଚଳିବ
ସମ୍ପର୍କ ନ ଯିବ କଟି ।
ଚତୁର୍ଥ ଅବସ୍ଥା ଆସିଗଲେ ସ୍ମର
ପ୍ରଭୁଙ୍କ ପବିତ୍ର ନାମ
ସଂସାରର ମାୟା ପରିତ୍ୟାଗ କରି
କରନ୍ତୁ ପ୍ରଭୁଙ୍କ କାମ ।
ତଥାପି ଏତିକି ସ୍ମରଣ ରଖିବ
ମୃତ୍ୟୁ ଆସେ ଅଚାନକ
ମୃତ୍ୟୁ ନାମ ଶୁଣି କରନାହିଁ କେବେ
ଛାଡି ଟିକେ ଧକଧକ ।
ଜୀବନ କାଳର ବୟସ ଏମିତି
ଆସିଥାଏ ଥାଅ ଜାଣି
ମୃତ୍ୟୁ ଯେ ବାର୍ଦ୍ଧକ୍ୟ ସରିଲେ ହୋଇବ
ଏ ନୁହେଁ ବିଧାତା ବାଣୀ ।
ମୃତ୍ୟୁ ସଚେତନ ହୋଇ କର୍ମ କର
ବୟସର ନାହିଁ ମାପ
କର୍ମ କରିଯାଅ ଧର୍ମ କରିଯାଅ
ନ ଲାଗୁ ସଂସାର ତାପ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

ଅନ୍ୱେଷଣ

ନିବେଦିତା ମିଶ୍ରଗୁରୁ

ମୃତବତ ପଡି ରହିଥିବା
ପୁରୁଣା କ୍ଷତ ପରି ବାରମ୍ବାର
ଯନ୍ତ୍ରଣା ଦେଉଥିବା
ସେଇ

ଗୋପବନ୍ଧୁ ଚୌଧୁରୀ



ଗୋପବନ୍ଧୁ ଚୌଧୁରୀ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଥିଲେ। ସେ କଟକରେ ୮ ମଇ ୧୮୯୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା। କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ। ୧୯୨୦ ମସିହାରେ ଭୀଷଣ ନଈବଢ଼ି ସମୟରେ ଗୋପବନ୍ଧୁ ବନ୍ୟ ପ୍ରପୀଡ଼ିତ ଅଞ୍ଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ। ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ। ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ। ୧୯୩୦ରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ। ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ।

ଡଃ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

୬୩ ପ୍ରବଣ ଗାଁ ଉପରେ ପ୍ରଶାସନର ନଜର: ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ତତ୍ପର

ବାଲେଶ୍ୱର (ପିଏନ୍)- ବଙ୍ଗପୋସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଜୋରଦାର ଦେଖାଇଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲ୍ଲାର ସଦର, ବାହାନଗା, ରେମୁଣା, ଭୋଗରାଇ ଓ ବାଲିଆପାଳ ବ୍ଲକର ୬୩ଟି ଗାଁ ବାତ୍ୟା ଓ ବନ୍ୟାପ୍ରବଣ ହୋଇଥିବାରୁ ଏହି ଅଞ୍ଚଳରେ ଥିବା ୧୪୦ଟି ବହୁମୂଖୀ ଆଶ୍ରୟ ସ୍ଥଳ ବିଦ୍ୟାଳୟ ଗୁଡ଼ିକରେ ଲୋକଙ୍କୁ ରଖାଯିବା ଲାଗି ଆଗୁଆ ପ୍ରସ୍ତୁତ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ଏକ ଲକ୍ଷ୍ୟ ୫୦ ହଜାରରୁ ଅଧିକ ଜନ ସଂଖ୍ୟା ବିଶିଷ୍ଟ ଏହି ଗ୍ରାମ ଗୁଡ଼ିକର ଜନ ସାଧାରଣ କୁ ପରିସ୍ଥିତ ଦେଖି ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ବିଶେଷ କରି ବହୁମୂଖୀ ଆଶ୍ରୟ ସ୍ଥଳୀ ଗୁଡ଼ିକୁ ପ୍ରସ୍ତୁତ ରଖିବା ସେଥିରେ ଥିବା ସରଞ୍ଜାମକୁ ପ୍ରସ୍ତୁତ ରଖିବା, ଆବଶକୀୟ କର୍ମଚାରୀଙ୍କୁ ନିୟୋଜିତ କରିବା ଏବଂ ଲୋକମାନଙ୍କୁ ସଚେତନ କରାଇବାକୁ ଏସଆରଏସ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଗତ ମେ ମାସରେ ହୋଇଥିବା ୟାସ୍ ବାତ୍ୟାରେ ଜିଲ୍ଲାରେ ୨୮ଟି ଲୁଣାବନ୍ଧ ନଷ୍ଟ ହୋଇଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୯୦ ପ୍ରତିଶତ ମରାମତି କାମ ଶେଷ ହୋଇଥିବା ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

ବାଉଁଶଗଡ ସରପଞ୍ଚଙ୍କ କାର୍ଯ୍ୟରେ ଗ୍ରାମବାସୀଙ୍କ ଅସନ୍ତୋଷ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ବାଉଁଶଗଡ ପଞ୍ଚାୟତ କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ଦାବି କରିଛନ୍ତି ନବନିର୍ବାଚିତ ସରପଞ୍ଚ ସରସ୍ୱତୀ ସେଠୀ । ବାଉଁଶଗଡ ପିଇଓ ଶାଳବଣି ଓ ବାଉଁଶଗଡ ଦୁଇଟି ଦାୟିତ୍ୱରେ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ସୁଫଳ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବା ବେଳେ ନବନିର୍ବାଚିତ ସରପଂଚ ସରସ୍ୱତୀ ସେଠୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ପାଇଁ ଆନନ୍ଦପୁର ବିଡିଓ ଓ ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିବା ବେଳେ ବାଉଁଶଗଡ ପଂଚାୟତର ଗ୍ରାମବାସୀମାନେ ସରପଂଚଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହିତ ଜଣେ ଦକ୍ଷ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ବେଶ୍ ପରିଚିତ ଥିବା କଳ୍ପନା ମୁଦୁଲିଙ୍କ ଅଭିଯୋଗକୁ ଭିତ୍ତି କରି ଗ୍ରାମବାସୀମାନେ ସରପଂଚଙ୍କୁ ବିରୋଧ କରିବା ସହିତ ବାଉଁଶଗଡ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବଦଳି ନକରିବାକୁ ଦାବି କରିଛନ୍ତି । ସରପଂଚଙ୍କ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଅଭିଜ୍ଞତା ନଥିବା ବେଳେ ସରପଂଚ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଆସିଥିବା କାର୍ଯ୍ୟରେ ଦସ୍ତଖତ କରିବାକୁ କହୁଛନ୍ତି ହେଲେ ପିଇଓ ଉକ୍ତ କାର୍ଯ୍ୟକୁ ଯୋଗ୍ୟ ହିତାଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବା କହିଲେ ମଧ୍ୟ ସରପଂଚ ଜୋର ଜବରଦସ୍ତି ନିଜ ସମ୍ପର୍କୀୟଙ୍କୁ ଦେବାପାଇଁ କହୁଥିବା ଜଣାପଡିଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ଘଟଣାକୁ ପ୍ରତ୍ୟାଖାନ କରିଥିବା ବେଳେ ଉକ୍ତ ଘଟଣାକୁ କେନ୍ଦ୍ର କରି ବାଉଁଶଗଡ ପଂଚାୟତର ଗ୍ରାମବାସୀମାନେ ସରପଂଚଙ୍କ ବିରୁଦ୍ଧରେ ଆଗାମୀ ଦିନରେ ବ୍ଲକ ଘେରାଉ କରିବା ସହିତ ରାସ୍ତାରୋକ କରିବା ନିମଂ ଚେତାବନୀ ଦେଇଛନ୍ତି । ସରପଂଚଙ୍କ ସ୍ୱାମୀ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ମଧ୍ୟ ସେ ଅଧିକାଂଶ ସମୟରେ ପଂଚାୟତ ଅଫିସ୍ ଓ ବ୍ଲକ କାର୍ଯ୍ୟରେ ଲିପ୍ତ ରହୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ତେଣୁ ସରପଂଚଙ୍କ ବିରୁଦ୍ଧରେ ଏକ ବଡ ଆନ୍ଦୋଳନର ଚେତାବନୀ ବାଉଁଶଗଡର ବରିଷ୍ଠ ବିଜେଡି ନେତା ସନାତନ ଦେହୁରୀ, କାହ୍ନୁ ପାତ୍ର, ଅରୁଣ ଘଡେଇ, ରାଧିକା ଘଡେଇ, ଗୋବିନ୍ଦ ଜେନା, ପୂର୍ବତନ ସରପଂଚ ଦୟାନିଧି ଘଡେଇ, ବିଜେଡି ଯୁବନେତା ବବି ଘଡେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ।

କେନ୍ଦୁଝର ମୁସଲିମ ସମାଜ ପକ୍ଷରୁ ପଣା ଓ ଥଣ୍ଡା ପାନୀୟ ବଣ୍ଟନ

କେନ୍ଦୁଝର (ପିଏନ୍): ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ କେନ୍ଦୁଝର ମୁସଲିମ ସମାଜ ପକ୍ଷରୁ ସିରାଜୁଦ୍ଦିନ ଛକଠାରେ ପଣା ଓ ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ମହାବିଷୁବ ସଂକ୍ରାନ୍ତି ଅବସରରେ ହିନ୍ଦୁ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶୁଭକାମନା କରାଯାଇଥିଲା। କେନ୍ଦୁଝର ସହରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଓ ଭାଇଚାରା ବଜାୟ ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କେନ୍ଦୁଝର ସହରରେ ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣାସଂକ୍ରାନ୍ତି ଅବସରରେ ପଣା ଓ ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ସାଧାରଣ ଲୋକେ ଆନନ୍ଦ ସହକାରେ ଥଣ୍ଡା ପାନୀୟ ଓ ପଣା ପିଇଥିଲେ। ଏହି କାର୍ଯ୍ୟକ୍ରମରେ ମୁସଲିମ ସମାଜର ହବିବୁର ରେହମାନ, ଓ୍ୱାସିମ ନାୟାର, ମହମ୍ମଦ ସାକିର, ଓ୍ୱାସିମ ବାରି, ଫୟାଜ ହୁସେନ, ଏମ୍‌ଡି ନାହିର, ଏମଡି ଖାଲିଜ, ଅରବାଜ ଅଲ୍ଲୀ, ଏମ୍‌ଡି ସରଫରାଜ, ବାବର ଅଲ୍ଲୀ, ମହମ୍ମଦ ମୋକିଉଦ୍ଦିନ, ଆମାନ ଅଲ୍ଲୀ, ମହମ୍ମଦ ଜୁଲଫିକର, ମୁଜାମିଲ, ହାସିବୁର ରେହମାନ ସାମିଲ ହୋଇଥିଲେ।

ଜଙ୍ଗଲ ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ଠାକୁରାଣୀ ଆଇରନ୍ ଓର ମାଇନ୍ସ ଦ୍ୱାରା ଅପ୍ରେଲ ୧୧ ତାରିଖଠାରୁ ଜଙ୍ଗଲ ଅଗ୍ନି ନିର୍ବାପକ ଏବଂ ପ୍ରତିରୋଧମୂଳକ ସୁରକ୍ଷା ପଦକ୍ଷେପ ଅନୁଷ୍ଠିତ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସଚେତନତା ରଥ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ଅଗ୍ନି ପ୍ରତିରୋଧକ ଏବଂ ନିର୍ବାପକ ନିମନ୍ତେ ସ୍ୱତନ୍ତ୍ର ସୁରକ୍ଷା ନିୟମାବଳୀ ଲୋକମାନଙ୍କୁ ସଚେତନ କରାଯାଇଛି। ଜଙ୍ଗଲରେ ନିଆଁ ରୋକାଯାଇପାରିଲେ କେବଳ ଜଙ୍ଗଲ ନୁହେଁ ବନ୍ୟପ୍ରାଣୀଙ୍କ ସୁରକ୍ଷା ହୋଇପାରିବ। ଜଙ୍ଗଲ ଆମର ସମ୍ପଦ ଏବଂ ଏହାକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ବୋଲି ସଚେତନତା କରାଯାଇଥିଲା। ଏଥିସହ ବନବାସୀମାନେ ବିଭିନ୍ନ ଋତୁଭିତ୍ତିକ ଖାଦ୍ୟ ସହ ବିଭିନ୍ନ ପ୍ରକାର କୋଳି,ଫଳମୂଳ ପାଉଥିଲେ ଏବଂ ଜଙ୍ଗଲରୁ ମିଳୁଥିବା ଲାଖ,ଝୁଣା,ଫଳ ଓ ମହୁ ଭଳି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିବାରେ ବାଧା ସୃଷ୍ଟି କରିଥାଏ। ଜଙ୍ଗଲ ନିଆଁ ଯୋଗୁଁ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥାଏ। ଜଙ୍ଗଲ ନିଆଁରେ ଅନେକ ଛୋଟ ଗୁଳ୍ମ,ଗଛ ପୋଡି ଯିବା ସହ ସରୀସୃପ ଓ ଜଙ୍ଗଲ ଜୀବଜନ୍ତୁ ପ୍ରଭାବିତ ହେଉଥିବାରୁ ଜଙ୍ଗଲ ନିଆଁ ରୋକିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଗତ ମାସ ୧୩ ତାରିଖ ଦିନ ଏକ ସ୍ୱତନ୍ତ୍ର ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଠାକୁରାଣୀ ମାଇନ୍ସରେ ବଡବିଲ ଜଙ୍ଗଲ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏବଂ ମାଇନ୍ସର ସମସ୍ତ କର୍ମଚାରୀ ଏବଂ ମୁଖ୍ୟ ପ୍ରବନ୍ଧକ ପ୍ରମୋଦ କୁମାର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଏଥିରେ ପ୍ରୋଜେକ୍ଟ ହେଡ୍ ଅନିଲ ରାହି ଏବ ଫାୟାର ଓ୍ୱାଚର ଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଯାଇଥିଲା।

ମାଟି କାଦୁଅରେ ଭର୍ତ୍ତି ରାସ୍ତା, ସ୍କୁଲ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ, ଫ୍ଲାଏଓଭର ନିର୍ମାଣ ନାମରେ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ଯୋଡା:୪/୫(ଆ.ପ୍ର.):ଅସରାଏ ବର୍ଷା ଯୋଗୁଁ ରାସ୍ତା କାଦୁଅ ପଚ ପଚ । ନା ଯାଇପାରୁଛନ୍ତି ସାଧାରଣ ଲୋକ ନା ଯାଇପାରୁଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ । ଏଭଳି ରାସ୍ତାର ସ୍ଥିତି ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯୋଡା ଖଣି ମଣ୍ଡଳ ତଥା ଯୋଡା ପୌରପାଳିକାର ମଧ୍ୟ ଦେଇ ଯାଇଥିବା ରଣାଶାଳ-ବାଂଶପାଣି ରାଜ୍ୟ ରାଜପଥ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ରାସ୍ତାଟିର ସ୍ଥାନେ ସ୍ଥାନେ ବଡ ବର୍ତ୍ତମାନ ସୃଷ୍ଟି ହେବା ସହ ରାସ୍ତାସରା କାଦୁଅ ଭର୍ତ୍ତି କାରଣରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ଘଟଣା ଅଂଚଳବାସୀଙ୍କୁ ଦୟନୀୟ ଅବସ୍ଥାକୁ ଠେଲି ଦେଇଛି । କାର୍ଯ୍ୟରତ ଠିକାଦାରର ମନଇଚ୍ଛା ଓ ଦାୟିତ୍ୱହୀନତା ଯୋଗୁଁ ସାଧାରଣ ଲୋକେ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାର ଯୋଡା ସହରର ରାସ୍ତାଘାଟ ଏବେ ମରଣଯନ୍ତା ପାଲଟିଛି । ଜାତୀୟ ରାଜପଥ ୫୨୦ନଂ ଜଙ୍କସନ୍ ରାସ୍ତାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ନଂ-୨ର ଅବସ୍ଥା ଅତ୍ୟଂ ଶୋଚନୀୟ ହୋଇ ପଡିଛି । ରାସ୍ତାଘାଟର ଦୂରାବସ୍ଥା ଯୋଗୁଁ ଏହି ରାସ୍ତାରେ ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ କ୍ଷୟ ହେଉଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବାରୁ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ଯୋଡା ସହର ଭିତର ଦେଇ ବିଜୁ ପଟ୍ଟନାୟକ ଏକ୍ସପ୍ରେସ -୨ କଡରେ ନିର୍ମାଣଧିନ ଫ୍ଲାଏଓଭର କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଯୋଡା ସହର ଲୋକମାନଙ୍କର ଯାତାୟତରେ ଘୋର ଦୁର୍ଦ୍ଦଶା ବଢିବାରେ ଲାଗିଛି । ଏହି ଫ୍ଲାଏଓଭର ନିର୍ମାଣରେ ୧୧୧ଟି ଖୁଣ୍ଟ ସ୍ଥାପନ କରିବାକୁ ଥିବାବେଳେ କମାରଯୋଡା ଠାରୁ ଏହି ଖୁଣ୍ଟ ନିର୍ମାଣର କାର୍ଯ୍ୟ ଆରମ୍ଭ କରାଯାଇଛି । ତେବେ ଏହି ନିର୍ମାଣ କାର୍ଯ୍ୟ ଯୋଗୁଁ ଯାନବାହାନ ଯାତାୟତରେ ଯେପରି ଅସୁବିଧା ନହୁଏ ସେଥିପାଇଁ ନିର୍ମାଣର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ରାସ୍ତା ନିର୍ମାଣ କରିବାର ପ୍ରାବଧାନ ଥିବାବେଳେ ଏହି ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଚେଭରକ୍ସ କମ୍ପାନୀ ନିର୍ମାଣ କାର୍ଯ୍ୟରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ରାସ୍ତାର ଉଭୟ ପାର୍ଶ୍ୱରେ ଖେଳାଇ ଦେଇ ସମତୁଲ କରିଦେବା ଫଳରେ ବର୍ଷା ଯୋଗୁଁ ତାହା କାଦୁଅ ହୋଇ ଯାତାୟତ ଅନୁପଯୋଗି ହୋଇ ପଡିଛି । ଠାଏ ଠାଏ ବଡ ବର୍ତ୍ତମାନ ସୃଷ୍ଟି ହୋଇ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଥିବା ବେଳେ ଏବେ ଛୋଡ ଗାଡି, ମୋଟରସାଇକେଲ ଯିବା ଆସିବା କରିବା ମଧ୍ୟ କାଠିକର ପାଠ ହୋଇ ପଡିଛି । ନିର୍ମାଣ ସମୟରେ ଜନସାଧାରଣଙ୍କ ଯାତାୟତର ସୁବିଧା କରିବା ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା ଥିବାବେଳେ ଏହି କମ୍ପାନୀ ସ୍ଥାନୀୟ ପ୍ରଶାସନକୁ ହାତ କରି ଜନସାଧାରଣଙ୍କ ଯାତାୟତକୁ ସୁଗମ ନକରି ନିର୍ମାଣ କାର୍ଯ୍ୟ ଜାରି ରଖିଛି । ବାରମ୍ବାର ଏ ନେଇ ଜନସାଧାରଣ ଅଭିଯୋଗ କରିବା ପରେ ଠିକାଦାର ମେସିନ୍ ଲଗାଇ ସାମାନ୍ୟ ସମତୁଲ କରି ନିଜର ଦାୟିତ୍ୱ ସମ୍ପାଦନ କରୁଥିବା ଅଭିଯୋଗ ହୋଇଛି । ଏହି ରାସ୍ତାଟିର ଉଭୟ ପାର୍ଶ୍ୱରେ ଦୋକାନ ବଜାର, ବିଦ୍ୟାଳୟ, ବ୍ୟାଙ୍କ ଗୁଡିକ ରହିଥିବା ବେଳେ ମୁଖ୍ୟତଃ କମାରଯୋଡା ଠାରେ ଏକ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ବିଶେଷ କରି ରାସ୍ତାର ଦୁରାବସ୍ଥା ଯୋଗୁଁ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଘଣ୍ଟା ଘଣ୍ଟା ଧରି ଭାରିଯାନ ଏହି କାଦୁଅରେ ଫସି ରହୁଛି । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ହିନ୍ଦି ଉଚ୍ଚ ବିଦ୍ୟାଳୟ ଠାରୁ କମାରଯୋଡା ଡାକ୍ତରଖାନା ପର୍ଯ୍ୟଂ ଲୋକେ ଏକପ୍ରକାର ଗୃହବନ୍ଦୀ ହୋଇ ପଡୁଥିବା ଅଭିଯୋଗ ହୋଇଛି । ତେଣୁ ଏହି ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ନେଇଥିବା ଓଡିଶା ବ୍ରିଜ୍ କନ୍‌ଷ୍ଟ୍ରକସନ୍ କର୍ପୋରେସନ୍ ଲିମିଟେଡ୍ (ଓବିସିସିଏଲ) ଏଥିପ୍ରତି ଦୃଷ୍ଟି ଦେବାକୁ ଯୋଡା ଜନସାଦାରଣ ଦାବି କରିଛନ୍ତି ।

ରେମୁଣା ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ପାଳନ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ସାହିତ୍ୟ ସଂସଦର ୨୪ ତମ ପ୍ରତିଷ୍ଠା ଦିବସ ଓ ମହା ବିଷୁବ ସମାରୋହ ବିଦ୍ୟାଭୂଷଣ ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପଣା ସର୍ବତ ବଣ୍ଟନ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେସନରେ କବିତା ପାଠ ଉତ୍ସବ ଭାସ୍କର ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ସେଠୀ, ମୁଖ୍ୟ ବକ୍ତା ଭାବେ ଜଗବନ୍ଧୁ ମହାପାତ୍ର, କବୟିତ୍ରୀ ସତ୍ୟଭାମା ମୁଦୁଲି, କବି ରବିନ୍ଦ୍ର କୁମାର ବିଶ୍ୱାଳ ଏବଂ ସଂଯୋଜିକା କୁନି ଝିଅ ଇପ୍ସିତା ସ୍ୱାଇଁଙ୍କ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତିୟ ଅଧିବେସନରେ କବି ସତ୍ୟ ରଞ୍ଜନ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ସୃଷ୍ଟିଧର ପରିଡ଼ା, ମୁଖ୍ୟ ବକ୍ତା ଭାବେ କାଳିପଦ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ସୁକାନ୍ତ

ସ୍ୱଷ୍ଟ ଦିବାଲୋକରେ ବ୍ୟାଗ ଝମ୍ପି ନେଲେ

କେନ୍ଦ୍ରାପଡ଼ା,(ପି.ଏନ): ଲୁଟ୍, ଡକାୟତି କେନ୍ଦ୍ରାପଡ଼ା ପୋଲିସର ପିଛା ଛାଡୁନି। ଟାଉନ୍ ଥାନା ଅନ୍ତର୍ଗତ କାକଟ ଲକ ନିକଟସ୍ଥ ଏଚ୍‌ପି ଗ୍ୟାସ ଗୋଦାମ ସମ୍ମୁଖ ରାସ୍ତାରୁ ଜଣେ ଯୁବତୀଙ୍କ ବ୍ୟାଗ ଲୁଟିଆ ଝମ୍ପି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଯୁବତୀ ହେଉଛନ୍ତି କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମର ସଙ୍ଗୀତା ମହାନ୍ତି। ସୂଚନା ଅନୁଯାଇ ସଙ୍ଗୀତା କମ୍ପ୍ୟୁଟର କ୍ଲାସ କରିବାକୁ ପ୍ରତିଦିନ କେନ୍ଦ୍ରାପଡ଼ା ଆସିଥାନ୍ତି। ଶନିବାର ସେ କମ୍ପ୍ୟୁଟର କ୍ଲାସ ସାରି ଘରକୁ ଫେରିବା ବେଳେ ଅପରାହ୍ନ ପ୍ରାୟ ୪ଟା ସମୟରେ କାକଟ ଲକ ନିକଟସ୍ଥ ଏଚପି ଗ୍ୟାସ ଗୋଦାମ ରାସ୍ତାରେ ଏକ ବାଇକରେ ଦୁଇଜଣ ଦୁର୍ବୃତ୍ତ ଦ୍ରୁତ ଗତିରେ ଆସି ତାଙ୍କ ବ୍ୟାଗଟିକୁ ଝମ୍ପି ନେଇଥିଲେ। ଯୁବତୀ ଜଣକ ସାହାସର ସହ ଅନ୍ୟ ଏକ ବାଇକରେ ଲିଫ୍ଟ ମାଗି ଲୁଟିଆଙ୍କ ପିଛା କରିଥିଲେ। କିନ୍ତୁ ଲୁଟିଆ ଦୁଇଜଣ ଆଖି ପିଛୁଳାଖେ ଶ୍ୟାମସୁନ୍ଦରପୁର ଗଡା ଆଡକୁ ଫେରାର ହୋଇଯାଇଥିଲେ। ଏ ନେଇ ସଙ୍ଗୀତା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନିକଟରେ ଥିବା ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରୁଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ ଲୁଟିଆମାନଙ୍କର କାଣସି ସନ୍ଧାନ ପାଇ ପାରି ନାହିଁ।

ବେକରେ ଦଉଡି ଲଗାଇ ଯୁବକର ଆତ୍ମହତ୍ୟା

ହାଟଡିହି,(ପି.ଏନ): କେନ୍ଦୁଝର ଜିଲା ହାଟଡିହି ବ୍ଲକ ବଡରମ୍ପାସ ଗ୍ରାମରେ ବେକରେ ରସି ଲଗାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରରୁ ଜଣାଯାଇଛି ସେହି ଗ୍ରାମର ବର୍ସ' ସେନାପତି(୪୩) ଗାଁର ଡିଗିଆଡି ପଡିଆରେ ଥିବା ଏକ ବରଗଛରେ ରସି ଲଗାଇ ଆତ୍ମହତ୍ୟା କରିଛି । ଘରୋଇ କଳିରୁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଥିବାବେଳେ ନନ୍ଦିପଦା ପୁଲିସ ଘଟଣା ସ୍ଥଳରେ ପହଁଚି ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇ ଘଟଣାର ତଦ' ଜାରିରଖିଛି ।

ରାଜ୍ୟ ଗ୍ରନ୍ଥାଗାରରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଓ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ଦେଶରାଜ କାଲିଆଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ପି.ଏନ): ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୧ତମ ଜୟନ୍ତୀ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗ୍ରନ୍ଥାଗାର ସୂଚନା ବିଜ୍ଞାନୀ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପ୍ରଥମ ନିର୍ଦ୍ଦେଶକ ପ୍ରଫେସର (ଡଃ) ଦେଶରାଜ କାଲିଆଙ୍କ ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆଜି ଦିବସ ବ୍ୟାପୀ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି । ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି, ବିଶ୍ୱକବି ଓ ପ୍ରଫେସର କାଲିଆଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ବିଶ୍ୱକବି ଓ ଡକ୍ଟର କାଲିଆଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁ ପାଠିକା ସରନ୍ୟା ନାୟକ ଓ ତାଙ୍କ ପିତାମହ ଶିକ୍ଷାବିତ୍ ଏ.ଜି.କେ. ନାୟକ, ପ୍ରଶାସକ ହିମାଂଶୁ ଶେଖର ବେହେରା ଅତିଥି ଭାବରେ ଯୋଗଦେବା ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ସୂଚନା ବିଜ୍ଞାନ ବିଭାଗର ବିଦ୍ୟାର୍ଥୀମାନେ ଗବେଷଣା ବିଦ୍ୱାନ ଶୟଦ୍ ନିର୍ଲୋଫର ଅହମ୍ମଦଙ୍କ ନେତୃତ୍ୱରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ପଦ୍ମନାଭ ଜେନା, ରୁଦ୍ରପ୍ରସାଦ ବେହେରା, ବିଦ୍ୟାଧର ପଣ୍ଡା, କଣ୍ଠମଣି ବିଶ୍ୱାଳ, ମଞ୍ଜୁରାଣୀ ମୁଦୁଲି, ସଳିତା ପାତ୍ର, ଭିକାରୀ ଚରଣ ସାହୁ, ଦେବେନ୍ ମହାନ୍ତଙ୍କ ସହ ପାଠକମାନେ କବି ଗୁରୁଙ୍କ ଜୀବନାଦର୍ଶ ତାଙ୍କ ରଚନାବଳୀ ଉପରେ ଆଲୋକପାତ କରିଥିଲେ । ଗୀତାଞ୍ଜଳି କାବ୍ୟ ପାଇଁ ରବୀନ୍ଦ୍ରନାଥ ଟାଗୋର ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଥିଲା ବେଳେ ଏହି କାବ୍ୟକୁ କବିଗୁରୁ ରାହାମା ନିକଟସ୍ଥ ତାଙ୍କ ଜମିଦାରୀ ପଣ୍ଡୁଆରେ ଅବସ୍ଥାନ କରି ରଚନା କରିଥିଲେ ଏହା ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ଆତ୍ମୀୟତାକୁ ବହୁଗୁଣିତ କରିଅଛି । ତାଙ୍କଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନ ସ୍ନାତକୋତର ଓ ଗବେଷଣା ଶିକ୍ଷା କ୍ଷେତ୍ରରେ ରାଷ୍ଟ୍ରର ବହୁ ଉଚ୍ଚତର ପ୍ରତିଭାଙ୍କୁ ନିରନ୍ତର ଗବେଷଣା ଶିକ୍ଷା କ୍ଷେତ୍ରରେ ନୂତନ ଦିଗଦର୍ଶନ ପ୍ରଦାନ କରିଆସୁଅଛି ଯାହାପାଇଁ ସେ ଚିର ସ୍ମରଣୀୟ । ସେହିଭଳି ପ୍ରଫେସର (ଡଃ) ଦେଶରାଜ କାଲିଆ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗ୍ରନ୍ଥାଗାର ସୂଚନା ବିଜ୍ଞାନୀ ଭାବେ ନିଜର ଉଚ୍ଚତର ଗବେଷଣା, ଶିକ୍ଷାଦାନ ଓ ପାଠାଗାର ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବିଶ୍ୱର ୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରେ ନିଜର ବକ୍ତୃତା ପ୍ରଦାନ କରିବା ସହ ଦିଲ୍ଲୀ ପବ୍ଲିକ ଲାଇବ୍ରେରୀ ନିର୍ଦ୍ଦେଶକ, ଜାତୀୟ ପାଠାଗାର କଲିକତାର ମୁଖ୍ୟ, ଭାରତ ସରକାରଙ୍କ ପାଠାଗାର ଉପଦେଷ୍ଟା, ସେଂଟ୍ରାଲ୍ ସେକ୍ରେଟାରିଏଟ୍ ଲାଇବ୍ରେରୀର ନିର୍ଦ୍ଦେଶକ, ଆଇ.ଆଇ.ଟି. ଦିଲ୍ଲୀର ପାଠାଗାର ଡିଜାଇନର ଏବଂ ପରିଶେଷରେ ଭୁବନେଶ୍ୱର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ପ୍ରଥମ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ ସମ୍ପାଦନ କରି ଏହାକୁ ଦେଶର ଏକ ପ୍ରତିଷ୍ଠିତ ଗ୍ରନ୍ଥାଗାରରେ ପରିଣତ ପାଇଁ ଭିତିଭୂମି ଉନ୍ନୟନ କରିଥିଲେ, ଯାହାପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ । ଲେଖକ, ପ୍ରକାଶକ, ମୁଦ୍ରାକର, ବିତରକ, ବିକ୍ରେତା, ପାଠାଗାର, ପୁସ୍ତକ ଓ ଗ୍ରନ୍ଥାଗାରିକ ପରସ୍ପରର ଅବିଚ୍ଛେଦ୍ୟ ଅଙ୍ଗ । ଏହି ପରିପ୍ରେକ୍ଷୀରେ ପାଠକମାନଙ୍କୁ ଉନ୍ନତମାନର ମାର୍ଗଦର୍ଶନ ଯୋଗାଇବାରେ ଗ୍ରନ୍ଥାଗାରିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହି ଭୂମିକା ସମ୍ପାଦନରେ ଗ୍ରନ୍ଥାଗାର, ସୂଚନା ବିଜ୍ଞାନୀ ବିଦ୍ୟାର୍ଥୀମାନେ ସଫଳତାର ସହିତ କାର୍ଯ୍ୟ କଲେ ଆମ ରାଜ୍ୟ ତଥା ଦେଶରେ ପାଠାଗାର ଆନ୍ଦୋଳନ ସୁଦୃଢ ହୋଇପାରିବ ବୋଲି ପ୍ରଶିକ୍ଷକମାନେ ସେମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ପରିଶେଷରେ ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କେନ୍ଦୁଝର: ଗ୍ରହଣଖଣ୍ଡିଆ ଓ ତାଳୁକଣା ଶିଶୁଙ୍କ ଅସ୍ତ୍ରପୋଚାର ପରବର୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କେନ୍ଦୁଝର,(ପି.ଏନ):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଏବଂ ଶଶିଭୂଷଣ ମେମୋରିଆଲ୍ ହସ୍ପିଟାଲ, ବାଲିକୁଦା, କଟକର ସହଯୋଗରେ ଏକ ଗ୍ରହଣଖଣ୍ଡିଆ ଓ ତାଳୁକଣା ଶିଶୁଙ୍କ ଅସ୍ତ୍ରପୋଚାର ପରବର୍ତୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଡି.ଇ.ଆଇ.ସି. ଠାରେ ତା୦୬.୦୫.୨୦୨୨ ରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ ଶିଶୁମାନଙ୍କର ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ମାଧ୍ୟମରେ ଅନେକ ଶିଶୁ ଉପକୃତ ହୋଇପାରିବେ । ଏହି ଶିବିରରେ ଶଶିଭୂଷଣ ମେମୋରିଆଲ୍ ହସ୍ପିଟାଲର ଅଭିଜ୍ଞ ଚିକିତ୍ସକ ଡାଃ ପ୍ରଶା' କୁମାର ବଳ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୮୯ ଜଣ ଗ୍ରହଣ ଖଣ୍ଡିଆ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସାସେବା ଓ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ରାଷ୍ଟ୍ରିୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କେନ୍ଦୁଝର ମାଧ୍ୟମରେ ଗତ ୭ ବର୍ଷ ମଧ୍ୟରେ ସଫଳତାର ସହ ୩୨୦ ଜଣ ଶିଶୁଙ୍କ ମାଗଣାରେ ଗ୍ରହଣ ଖଣ୍ଡିଆ ଅସ୍ତ୍ରପୋଚାର କରାଯାଇଅଛି । ଏହି ଶିବିରଟି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାଃ କିଶୋର କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ ଦେବେନ ଦାସ ଏବଂ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ପ୍ରଣତିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବୋଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କେନ୍ଦୁଝରର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ନିତ୍ୟରନ ବରାଳ, ଆର.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ଏବଂ ସ୍ମାଇଲ ଟ୍ରେନ୍ ପ୍ରୋଜେକ୍ଟ ମ୍ୟାନେଜର ପ୍ରଶା' କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡି.ଆଇ.ଇ.ସି.ର ସମସ୍ତ କର୍ମକର୍ତା ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଦଳର କର୍ମକର୍ତା ପ୍ରଭୃତି ସହଯୋଗ କରିଥିଲେ ।

କେନ୍ଦୁଝର ପ୍ରଥମ ଥର ଦେଖିବ କି ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ ?

କେନ୍ଦୁଝର,(ପି.ଏନ):ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ସରକାରରେ ମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି । ବଡବଡିଆ ନେତାଙ୍କ ଠାରୁ ଶୁଣିବାକ ମିଳୁଛି ଦାଗି ଓ ବୟସ୍କଙ୍କୁ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ମିଳିବ ନାହିଁ ଏବଂ ଉପେକ୍ଷିତ ବର୍ଗଙ୍କୁ ମିଳିବ ଅଗ୍ରାଧିକାର । ଏହାକୁ ନେଇ କେନ୍ଦୁଝର ଜିଲ୍ଲା ରାଜନୀତି ମଧ୍ୟ ପଛରେ ନାହିଁ । ଏହି ସୂତ୍ରରେ ମନ୍ତ୍ରୀ ମଣ୍ଡଳ ହେବା ଶୁଣିବା ପରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳର ଅନୁସୂଚିତ ଜାତି ବର୍ଗଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି । ସେମାନଙ୍କ କହିବା ଅନୁଯାୟୀ କେନ୍ଦୁଝର ଦେଖିଛି ସାଧାରଣ ବର୍ଗର ମନ୍ତ୍ରୀ ଓ ଅନୁସୂଚିତ ଜନଜାତିର ମନ୍ତ୍ରୀ କି' କେବେ ଦେଖିନାହିଁ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ । ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ପଞ୍ଚମ ପାଣିର ଦ୍ୱିତୀୟ ଇନିଂସ କେନ୍ଦୁଝରର ଜଣେ ଅନୁସୂଚିତ ଜାତି ବର୍ଗରୁ ମନ୍ତ୍ରୀ କରିବା ପାଇଁ । ତାଙ୍କ ମନୋବଳକୁ ସୁଦୃଢ କରିବା ସହ ସେମାନେ ସମାଜର ମୁଖ୍ୟ ସ୍ରୋତରୁ ଅଲଗା ନୁଅନ୍ତି ବୋଲି ଓ ତାଙ୍କ ବର୍ଗକୁ ସମ୍ମାନ ଜଣାଇ ଦଳିତ ବର୍ଗରୁ ଏଥର ମନ୍ତ୍ରୀ ଜଣଙ୍କୁ କରିବା ପାଇଁ ବିନତି କରିଥିବା ଜଣାପଡିଛି ।

ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ

କେନ୍ଦୁଝର:(ପି.ଏନ): ଝୁମ୍ପୁରା ବ୍ଲକ ଅଧିନସ୍ଥ ଝୁମ୍ପୁରା ପଚାୟତର ଝୁମ୍ପୁରା ଗ୍ରାମର ତୁମରି ସାଥି ସାଂସ୍କୃତିକ ଅନୁଷ୍ଠାନ ତଥା ଗ୍ରାମବାସୀଙ୍କ ସହଯୋଗରେ ଝୁମ୍ପୁରା ପଚାନନ ମହାଦେବ ମନ୍ଦିର ପ୍ରାଙ୍ଗଣରେ ୧୨ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସଂକୀର୍ତନକୁ ଅଧିକ ଆର୍କଷଣୀୟ କରିବା ନିମନ୍ତେ ଚଳିତ ବର୍ଷ ମହିଳାମାନେ ସଂକୀର୍ତନ ପରିବେଷଣ କରୁଥିବା ଦୁଇ ଗୋଟି ଦଳ ସହ ଆଉ ୩ଗୋଟି ଦଳ କୁ କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା । ସଂକୀର୍ତନ ମଣ୍ଡଳୀ ଗୁଡିକ ଅତ୍ୟନ୍ତ ସୁମଧୁର କଣ୍ଠସ୍ୱରରେ ହରିନାମ କୁ ପ୍ରତିଯୋଗିତା ଭିତିରେ ପରିବେଷଣ କରୁଥିବାରୁ ନାମଯଜ୍ଞ ସ୍ଥଳରେ ହରିନାମ ଶୁଣିବାକୁ ଦିନ ରାତି ହଜାର ହଜାର ଭକ୍ତ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ତ୍ରୀନାଥ ସଂକୀର୍ତନ ମଣ୍ଡଳୀ ଝୁମ୍ପୁରା,ପଦ୍ମପୁର ସଂକୀର୍ତନ ମଣ୍ଡଳୀ, ରାଇକଳା ଡିପାସାହି ସଂକୀର୍ତନ ମଣ୍ଡଳୀ, ନନ୍ଦପୁର ସଂକୀର୍ତନ ମଣ୍ଡଳୀ ଏବଂ ମୟୁରଭଞ୍ଜ ଜିଲ୍ଲାର ବରକଣ୍ଡ ସଂକୀର୍ତନ ମଣ୍ଡଳୀ ଉକ୍ତ ନାମଯଜ୍ଞରେ ଅଂଶଗ୍ରହଣ କରିଥିଲେ । ଦୂର ଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳାର ସହିତ ହରିନାମ ଶ୍ରବଣ କରିପାରିବେ ତା ସହିତ ଭକ୍ତମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳ ସହ ପ୍ରସାଦ ସେବନ ର ବ୍ୟବସ୍ଥା କମିଟି ପକ୍ଷରୁ କରାଯାଇଥିଲା । ବ୍ରାହ୍ମଣ ପ୍ରଭାକର ପଣ୍ଡାଙ୍କ ଦ୍ୱାରା ବିଧିମୁତାବକ ବିଶ୍ୱକଲ୍ୟାଣ ନିମନ୍ତେ ନାମଯଜ୍ଞରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ କୁ ସୁଚାରୁ ରୂପେ ପରିଚାଳନା କରିବାରେ କମିଟିର ସମସ୍ତ ସକ୍ରିୟ ସଦସ୍ୟ ପୂର୍ଣ୍ଣ ମାତ୍ରାରେ ଉପସ୍ଥିତ ରହି ସହଯୋଗ କରିଥିବା ଦେଖିବାକୁ ମିଳିଥିଲା ।

ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନ ପୁଲିସ, ଏସପିଙ୍କୁ ଭେଟଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରପାଇଁ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Bhubaneswar Sunday May 08, 2022 | ଭୁବନେଶ୍ୱର ରବିବାର, ମଇ ୦୮,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ପାରାଦୀପ ବନ୍ଦର ଗସ୍ତରେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ

ପାରାଦୀପ,(ପି.ଏନ): ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଏଚ୍. କ୍ରିଷ୍ଣାମୂର୍ତ୍ତୀ ଦିନିକିଆ ପାରାଦୀପ ଗସ୍ତରେ ଆସିଥିଲେ । ଏହି ଗସ୍ତ ଅବସରେ ସେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳକୁ ଟଗ୍ ବୋଟ୍ ରେ ଯାଇ ବନ୍ଦରର ବର୍ଥ ଓ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକ ଦେଖିଥିଲେ । ପାରାଦୀପ ଗସ୍ତ ପୂର୍ବରେ ସେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି । ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଏଚ୍. କ୍ରିଷ୍ଣାମୂର୍ତ୍ତୀ ଭାରତ ସମେତ ଭୂଟାନର ମଧ୍ୟ ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

ହାଟଡିହିର ବିଭିନ୍ନ ସ୍ଥାନରେ ଶନିଦେବଙ୍କ ପୂଜା ଅନୁଷ୍ଠିତ

ହାଟଡିହି,(ପି.ଏନ): କେନ୍ଦୁଝର ଜିଲା ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଶନିଶ୍ଚର ମନ୍ଦିର ଓ ଶନି ବୃକ୍ଷ ମୂଳେ ପୂଜାର୍ଚ୍ଚନା ଚାଲିଛି । ଆଜି ଶନିଦେବଙ୍କ ଓଷା ଥିବାରୁ ଶନିଦେବ ଧର୍ମ ଓ ନ୍ୟାୟର ପ୍ରତୀକ ବୋଲି ବିବେଚନା ହେଉଥିବାବେଳେ ତାଙ୍କୁ ପୂଜାକଲେ ସୁଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ସୋସୋ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଶନିଙ୍କ ମନ୍ଦିରରେ ଆଜି ସକାଳୁ ଶନି ଓଷା କରିଥିବା ମହିଳାଙ୍କର ଭିଡ ଲାଗିଥିଲା । ସେହିପରି ବହୁ ପୁରାତନ ମୋଟରା ଗଡିଆ ଠାରେ ହଜାର ହଜାର ଭକ୍ତଙ୍କର ଭିଡ ଲାଗିଥିବାରୁ ବାଉଁଶ ବନ୍ଧାଯାଇ ଧାଡି କରି ଠାକୁର ଦର୍ଶନ କରି କୃପାଲାଭ କରିଥିଲେ । ସେହିପରି ଝୁଣାବାଡି, ଛେନାପଦି, ଡଅଁର, ତାମ୍ପଳା, ବ୍ରାହ୍ମଣିକଳା, ଜାବିନପୁର, ହାଟଡିହି, ବଂଚୋ, ବର୍ଦ୍ଧନପୁର ଆଦି ବିଭିନ୍ନ ସ୍ଥାନରେ ଶନି ପୂଜା କରାଯାଇଥିଲା । ସୋସୋ ଓ ନନ୍ଦିପଦା ପୁଲିସଙ୍କ ଦ୍ୱାରା ଶୃଙ୍ଖଳା ରକ୍ଷା କରାଯାଇଥିଲା । ଜିଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ ବିଭିନ୍ନ ଶନିଶ୍ଚର ମନ୍ଦିରରେ ପଦାର୍ପଣକରି କୃପାଲାଭ କରିଥିଲେ ।

ମଧ୍ୟପ୍ରଦେଶ ରାଜ୍ୟର କଂଗ୍ରେସ ନିର୍ବାଚନ ପ୍ରକ୍ରିୟାରେ ଓଡ଼ିଶା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ନେତୃତ୍ୱମାନଙ୍କର କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,(ପି.ଏନ) : ଏ.ଆଇ.ସି.ସି ଦ୍ୱାରା ନିଯୁକ୍ତି ପ୍ରଦେଶ ନିର୍ବାଚନ ଅଧିକାରୀ ଭାବେ ଡଃ ରାମଚନ୍ଦ୍ର ଖୁଂଟିଆ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ମଦନ ମୋହନ ଧଳ, କିଶୋର ଜେନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ତା. ୦୭/୦୫/୨୦୨୨ ରିଖ ଦିନ ଭୋପାଳସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ପରେ ପରେ ଶ୍ରୀ ମଦନ ମୋହନ ଧଳ ଇନ୍ଦୋର ସହର ଓ କିଶୋର ଚନ୍ଦ୍ର ଜେନା ଭୋପାଳ ସହର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏ ନିର୍ବାଚନ ପ୍ରକ୍ରିୟା ଚଳିତ ମାସ ମଧ୍ୟରେ ସମାପ୍ତ ହେବ ବୋଲି ପ୍ରକାଶ କରିଛନ୍ତି । ଏହି ପ୍ରକ୍ରିୟାରେ ସାରା ଦେଶରୁ ୫୨ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀ ନିଯୁକ୍ତି ପାଇଛନ୍ତି । ସମସ୍ତେ ଆଶାବାଦୀ ଆଗାମୀ ୨୦୨୩ ମଧ୍ୟ ପ୍ରଦେଶ ରାଜ୍ୟ ନିର୍ବାଚନରେ କଂଗ୍ରେସ ଦଳ ଆଶାନୁରୂପକ ଫଳ ପାଇବ ।

ସମ୍ଭାବ୍ୟ ବାତ୍ୟା ଓ ବର୍ଷାରୁ ଫସଲର ସୁରକ୍ଷା ନିମନ୍ତେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ପରାମର୍ଶ

ବାଲେଶ୍ୱର,(ପି.ଏନ): ଦକ୍ଷିଣ ଆଣ୍ଡାମାନ ସାଗର ତଥା ଏହାର ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହୋଇ ଆସନ୍ତା ୧୦ତାରିଖ ବେଳକୁ ଉତର ଆନ୍ଧ୍ର ଓ ଓଡିଶା ଉପକୂଳ ଦେଇ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳ ଓଡିଶାର ଜିଲ୍ଲାଗୁଡିକରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ସମ୍ଭାବ୍ୟ ବାତ୍ୟା ଓ ବର୍ଷାରୁ ଫସଲ ସୁରକ୍ଷା ତଥା ପରିଚାଳନା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡିଶା ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ଚାଷୀମାନଙ୍କ ନିମନ୍ତେ ବିଭିନ୍ନ ପରାମର୍ଶ ଜାରି କରାଯାଇଛି । ଡାଲୁଅ ଧାନ ୮୫% ପାକଳ ହୋଇ ଯାଇଥିଲେ ଏହାକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା, ବିଳମ୍ବରେ ଲଗାଯାଇଥିବା ଧାନ ଫସଲରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଏବଂ ବର୍ଷା ଆଶଙ୍କା ଯୋଗୁଁ ଫସଲରେ ରୋଗନାଶକ ଏବଂ କୀଟନାଶକ ପ୍ରୟୋଗ ନ କରିବାକୁ ଜିଲ୍ଲାର କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ମୁଗ, ବିରି, ଚିନାବାଦାମ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା, ବିଳମ୍ବରେ ଲଗାଯାଇଥିବା ଚିନାବାଦାମ ଫସଲ ସହିତ ପନିପରିବା ଫସଲରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ କୃଷକମାନଙ୍କୁ କୁହାଯାଇଛି । ଲଟାଜାତୀୟ ପନିପରିବାରେ ରଙ୍ଗା ଓ କଦଳୀ, ଅମୃତଭଣ୍ଡା ଆଦି ଗଛରେ ଡେରା ସହିତ ଆଖୁ ଫସଲ ପବନରେ ନଇଁ ପଡିଥିଲେ ତାକୁ ଉଠାଇଦେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି । କୃଷକମାନେ ଏ ନେଇ ଯେପରି ଆଗୁଆ ସୂଚନା ପାଇ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିପାରିବେ ତାହା ସୁନିଶ୍ଚିତ କରିବା ଲାଗି କୃଷି ବିଭାଗ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି ।

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ତଥା ପୃଥିବୀର ସର୍ବବୃହତ ଶ୍ରମିକ ସଂଗଠନ

ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (INTUC) ଦେଶର ତଥା ସାରା ପୃଥିବୀର ସର୍ବବୃହତମ ଶ୍ରମି ସଂଗଠନ ଏହା ଶ୍ରମିକ କର୍ମଚାରୀମାନଙ୍କ ଦାବୀ ସଂଗ୍ରାମ କରିବା ସହ କଂଗ୍ରେସ ଦଳକୁ ସୁଦୃଢ଼ କରିବା ପାଇଁ ଓ ମୋଦୀର ଜନବିରୋଧି ଓ ସରକାରଙ୍କ ବିରୋଧିରେ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ପୂର୍ବତନ ରକ୍ଷାମନ୍ତ୍ରୀ ତଥା କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀ ଏ.କେ.ଆଂଟୋନୀ ଗତ ତା. ୦୩/୦୫/୨୦୨୨ ରିଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଦ୍ୱାରା କେରଳର ତ୍ରିଭେନ୍ଦମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ଡଃ ଜି. ସଂଜୀବା ରେଡ୍ଡୀ, ପର୍ବତନ ସାଂସଦ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ଏହି ସଭାରେ ପୌରାହିତ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ୭୫ ବର୍ଷ ମଧ୍ୟରେ ଭାରତର ଶ୍ରେଷ୍ଠ ଓ ସର୍ବବୃହତମ ଶ୍ରମିକ ସଂଗଠନ ଭାବରେ ଗଣାଯିବା ଆମ ସମସ୍ତ ପାଇଁ ଗର୍ବ ଓ ଗୌରବର ବିଷୟ ।ଏହି ସଭାରେ କେରଳ ପ୍ରଦେଶ କଂଗ୍ରେସର ସଭାପତି ଶ୍ରୀ ମଧୁକର, ପୂର୍ବତନ ସଭାପତି ରମେଶଚନ୍ଦାଲ, ସଦସ୍ୟ ଏମ୍.କେ. ରାଘବନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ଆର. ଚନ୍ଦ୍ରଶେଖର କେରଳ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇ.ଏନ୍.ଟି.ୟୁ.ସି) ସଭାପତି ପ୍ରାରମ୍ଭରେ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ରାଜ୍ୟ କମିଟି ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ ଏହି ସଭାରେ ୭୫ ବର୍ଷ ମଧ୍ୟରେ ଦେଶରେ ପ୍ରଚଳିତ ୪୪ ଟି ଶ୍ରମିକ ଆଇନକୁ ଆଇନରେ ପରିଣତ କରିବା ଓ କେନ୍ଦ୍ରର ଶମିକ ଓ ଚାଷୀ ବିରୋଧି ଆଇନ ବିରୁଦ୍ଧରେ ମିଳିତ ମଂଚ ମାଧ୍ୟମରେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଏକ ମୁଖ୍ୟଭୂମିକା ଗ୍ରହଣ କରିଛି । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭ୍ୟ ସଂଖ୍ୟା ୩.୪୫ କୋଟିରେ ପହଂଚିଛି । ଆଇ.ଏନ୍.ଟି.ୟୁ.ସି ଓ ଆଇ.ଟି.ୟୁ.ସିର ଉପସଭାପତି ଓ ଆନ୍ତର୍ଜାତିକ ଶ୍ରମ ସଂଗଠନର ସ୍ଥାୟୀ ସଭ୍ୟା କଂଗ୍ରେସ ସଭାପତି ଶ୍ରୀମତୀ ସୋନିଆ ଗାନ୍ଧୀ,ଏମ୍.ପି. ଓ ଶ୍ରୀ ରାହୁଲ ଗାନ୍ଧୀ ଶ୍ରମିକ ଓ କୃଷକ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇ ଥିବାରୁ ଆଗାମୀ ଦିନରେ ମୋଦୀ ସରକାର ବିରୁଦ୍ଧରେ ଗଣଆନ୍ଦୋଳନ ଗଢ଼ିତୋଳିବା ପାଇଁ ଶ୍ରୀ ରାହୁଲ ଗାନ୍ଧୀ କଂଗ୍ରେସ ଦଳର ସଭାପତି ଦାୟିତ୍ୱ ନେବା ପାଇଁ ସଭାରେ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଦାବୀ କରିଥିଲେ। ଓଡ଼ିଶାରୁ ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସଂପାଦକ - କିଶୋର ଜେନା, ଉପସଭାପତି- ମଦନ ମୋହନ ଧଳ, ପ୍ରଶାନ୍ତ ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ଡି.ଏସ୍.ପାନିକର, ଏସ୍.ଏନ୍. ସାହୁ, ପ୍ରଦୀପ କିଶୋର ଦାସ, ବିନୋଦ ଦାସ, ନିର୍ମଳ ସାମଲ ପ୍ରମୁଖ ଦେଇଥିଲେ।

ଶ୍ରୀ ବଳଦେବ ଜୀଉଙ୍କ ବଡଦାଣ୍ଡ ଉନ୍ନତି କରଣ ପ୍ରକଳ୍ପର ଶୁଭାରମ୍ଭ

କେନ୍ଦୁଝର,(ପି.ଏନ):କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପୀଠ ପାଲଟିବ ଐତିହ୍ୟ ସ୍ଥଳୀ । ଏଥିପାଇଁ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର, ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଆରମ୍ଭ କରାଯାଇଛି ବୋଲି ଜିଲ୍ଲାପାଳ ଆଶିଷ ଠାକରେ କହିଛଁ । ଚଳିତ ମଇ ୬ତାରିଖ ଶୁକ୍ରବାର ସନ୍ଧ୍ୟାରେ କେନ୍ଦୁଝରଗଡ ପୁରୁଣା ସହର ବଡଦାଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଠାକରେ ଏହା କହିବା ସହ ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସମ୍ପର୍କରେ ସବିଶେଷ ସୂଚନା ଦେଇ କହିଥିଲେ ଯେ ଶ୍ରୀ ବଳଦେବ ଜୀଉଙ୍କର ବଡଦାଣ୍ଡ ଅତି ସୁନ୍ଦର, ମନ୍ଦିର ଓ ବଡଦାଣ୍ଡ ଓ ପୁରୁଣା ସହରର ଗାରିମାମୟ ଇତିହାସ ଓ ଐତିହ୍ୟ ରହିଛି । ଆଧ୍ୟାତ୍ମିକ ଓ ସଂସ୍କୃତିକୁ ଭିତ୍ତି କରି ଉନ୍ନତିକରଣ,ସୌନ୍ଦର୍ଯ୍ୟ କରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶ୍ରୀ ଶ୍ରୀ ବଳଦେବ ଜୀଉ ମନ୍ଦିରର ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟକ୍ରମ ଚାଲୁ ରହିଛି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଆନୁସଙ୍ଗିକ ଉନ୍ନତି କରଣ କାମ ଶ୍ରୀଘ୍ର ଆରମ୍ଭ କରାଯିବ । ଏହି ପରିପ୍ରେକ୍ଷୀରେ ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟ କରଣ ପାଇଁ ଯୋଜନାବଦ୍ଧ ଭାବେ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି ଏବଂ ଏ କାର୍ଯ୍ୟ ଆଗାମୀ ରଥଯାତ୍ରା ପୂର୍ବରୁ ଶେଷ କରାଯିବ । ବଡଦାଣ୍ଡର ଉନ୍ନତିକରଣ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟକ୍ରମ ସ୍ୱରୂପ ବିଭିନ୍ନ ପ୍ରକାର ଫୁଲର ଚିତ୍ର, ପାରମ୍ପରିକ କଳା, ବଡଦାଣ୍ଡ ପାର୍ଶ୍ୱରେ ଲାଇଟ୍ ପୋଷ୍ଟରେ ଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶର ପଟ୍ଟଚିତ୍ର ପ୍ରଦର୍ଶନ, ଉଭୟ ପାର୍ଶ୍ୱରେ ପାଦଚଲା ରାସ୍ତା, ଯୋଜନାବଦ୍ଧ ଭେଣ୍ଡିଂ ଜୋନ୍, ମାଉସୀ ମା' ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ, ଡ୍ରେନ୍ ଗୁଡିକର ଘୋଡଣୀ, ହାଡବନ୍ଧ ପୋଖରୀର ବିକାଶ, ପାଠାଗାରର ବିକାଶ, ମୁକାକାଶ ଅବସର ବିନୋଦନ ବ୍ୟବସ୍ଥା, ବଡଦାଣ୍ଡର ପାର୍ଶ୍ୱରେ ଏକକ କଳାକୃତି ପ୍ରଦର୍ଶନ, ବଡଦାଣ୍ଡ ପାର୍ଶ୍ୱରେ ଭକ୍ତିଭାବନା ସୃଷ୍ଟିକାରୀ ବାତାବରଣ ଓ ଆଲୋକୀକରଣ ବ୍ୟବସ୍ଥା ତଥା ଆନୁସଙ୍ଗିକ ବିକାଶ କରାଯିବ ଓ ବଡଦାଣ୍ଡ ନୂଆ ରୂପରେ ଝଲସିବ ବୋଲି ଜିଲ୍ଲାପାଳ କହିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ, ଦେବୋତ୍ତର, ପୁରଣା ସହରବାସୀ, ବରିଷ୍ଠ ନାଗରିକ, ସେବାୟତ, ଗଣମାଧ୍ୟମର ପ୍ରତିନିଧି ବିଭିନ୍ନ ସମୟରେ ଅକୁଣ୍ଠ ସହଯୋଗ ଯୋଗାଇ ଥିବାରୁ ଜିଲ୍ଲାପାଳ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍‌ପି ଶ୍ରୀ ମିତ୍ରଭାନୁ ମହାପାତ୍ର ଏବଂ ଡି.ଏଫ୍.ଓ. କେନ୍ଦୁଝର ଧନରାଜ ଏଚ୍.ଡି. ବକ୍ତବ୍ୟ ପ୍ରଦାନ କରି ମନ୍ଦିର, ବଡଦାଣ୍ଡ ଓ ପାରିପାର୍ଶ୍ୱିକ ଉନ୍ନୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରି ଏହାଦ୍ୱାରା ମହାପ୍ରଭୁ ଶ୍ରୀ ବଳଦେବ ଜୀଉଙ୍କର ମହିମା ଅଧିକ ରଦ୍ଧିମଂ ହେବା ସହ ଅଧିକ ଭକ୍ତ, ପର୍ଯ୍ୟଟକ କେନ୍ଦୁଝର ପ୍ରତି ଆକର୍ଷିତ ହେବେ । ଶ୍ରୀ ବଳଦେବ ଜୀଉଙ୍କର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରଚାର ପ୍ରସାର ବ୍ୟାପକ ହୋଇ ପାରିବ ବୋଲି କହିଥିଲେ । ଏତଦ୍ ବ୍ୟତୀତ ଉନ୍ନତି କରଣ ଓ ସୌନ୍ଦର୍ଯ୍ୟ କରଣ ପରେ ଏହା ଜନସାଧାରଣଙ୍କ ସମ୍ପତ୍ତି ହେବ ଏବଂ ଏହାର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି ଆଶା କରିଥିଲେ । ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସଂ'ାଷ ବେହେରା, ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ, କେନ୍ଦୁଝର ନିଜ ବକ୍ତବ୍ୟରେ ମନ୍ଦିର, ବଡଦାଣ୍ଡର ସୌନ୍ଦର୍ଯ୍ୟକରଣ, ଉନ୍ନତିକରଣ କାର୍ଯ୍ୟକ୍ରମକୁ ଏକ ଐତିହ୍ୟ ଘଟଣା ବୋଲି ବର୍ଣ୍ଣନା କରି ଏହା ଦ୍ୱାରା ଶ୍ରୀ ବଳଦେବ ଜୀଉଙ୍କ ପୀଠ ସ୍ଥଳୀ ସ୍ଥଳୀର ଗାରିମା ବୃଦ୍ଧି ହେବ ଏବଂ ସମସ୍ତଙ୍କ ସହଯୋଗରେ ଭାରତର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିବ ବୋଲି କହିଥିଲେ । ଶ୍ରୀ ବଳଦେବ ଜୀଉଙ୍କ କାଷ୍ଠ ନିର୍ମିତ ରଥ ସମଗ୍ର ପୃଥିବୀରେ ସର୍ବୋଚ୍ଚ ରଥର ମାନ୍ୟତା ଲାଭ କରିଛି ଯାହାର ସ୍ୱୀକୃତି ସ୍ୱରୂପ ଗିନିଜ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଟରେ ସ୍ଥାନ ପାଇଛି ବୋଲି ଘୋଷଣା କରିଥିଲେ । ଏହା ଜିଲ୍ଲା, ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବର କଥା ବୋଲି କହିଥିଲେ । ସୂଚନା ଯୋଗ୍ୟ ଯେ ଏହା ପୂର୍ବରୁ ଶ୍ରୀ ବଳଦେବ ଜୀଉଙ୍କ ରଥ ନନ୍ଦିଘୋଷ ନେସନାଲ ରେକର୍ଡସ୍, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ, ଏସିଆ ପାସିଫିକ୍ ଆଇକନ, ଗ୍ଲୋବାଲ ରେକର୍ଡସ, ୱଣ୍ଡର ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇ ସାରିଥିଲା । ଏହି ଅବସରରେ ଶ୍ରୀ ବଳଦେବ ଜୀଉଙ୍କର ସେବାରେ ନିଜକୁ ନିୟୋଜିତ ରଖି ନିଷ୍ଠା ଓ ଆ'ରିକତାର ସହ ପରମ୍ପରାକୁ ବଜାୟ ରଖିଥିବା ଚାରିପୀଢ ଭୂୟାଁ ସର୍ଦ୍ଦାର କୁ ଦେହୁରୀ ଏବଂ ବଡପଣ୍ଡା ଭାବେ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିରରେ ଦୀର୍ଘଦିନ ଧରି ନିରବଚ୍ଛିନ୍ନ ଭାବରେ ନିଷ୍ଠାର ସହ ରୀତିନୀତି ପାଳନରେ ମହନୀୟ କାର୍ଯ୍ୟ କରିଥିବା ବଡପଣ୍ଡା ରାଜ କିଶୋର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ପରେ ପରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ ପାଲା ଗାୟକ ଧୀରେନ୍ ମହାଁ ଏବଂ ସାଥିଙ୍କ ଦ୍ୱାରା ଶ୍ରୀ ବଳଦେବ ଜୀଉଙ୍କ ସଂସ୍କୃତି ଉପରେ ଆଧାରିତ ପାଲା ପରିବେଷଣ କରାଯାଇଥିଲା । ପୁରୁଣା ସହରବାସୀ ସଂସ୍କୃତି ପ୍ରେମୀ ଜନସାଧାରଣ, ସେବାୟତ ଏବଂ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ED